ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୪୩ ● ୯ ମାର୍ଚ୍ଚ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-43 ● 9th March 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24

## ରୋହିତ ଓ ଗିଲ୍‌ଙ୍କ ଶତକ : ମଜବୁତ ସ୍ଥିତିରେ ଟିମ୍ ଇଣ୍ଡିଆ



# ମହିଳା ସଶକ୍ତ ହେଲେ ଆଗେଇବ ଦେଶ: ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୮।୩
ନ୍ୟୁଜ୍ ବ୍ୟୁରୋ

ମହିଳା ସଶକ୍ତ ହେଲେ ଦେଶ ଆଗେଇବ । ଅଧା ମହିଳା ସଶକ୍ତ ହେଲେ ଦେଶ ହେବ ସଶକ୍ତ। ବିଜେଡିର ମହିଳା ଦିବସ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେ କହିଛନ୍ତି ମହିଳାମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି । ମହିଳାଙ୍କ ଉନ୍ନତି ପାଇଁ କାମ କରୁଛନ୍ତି ମୁଖ୍ୟମନ୍ତ୍ରୀ । ମା'ମାନଙ୍କୁ କ୍ଷମତା ଦେଲେ ସେମାନେ ଭଲ ଭାବେ ତୁଲାଇବେ ବୋଲି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଜନସଂଖ୍ୟାର ୫୦ପ୍ରତିଶତ ହେଉଛନ୍ତି ମହିଳା । ୫୦ ପ୍ରତିଶତ ମହିଳା ସଶକ୍ତ ହେଲେ ରାଜ୍ୟ ଓ ଦେଶକୁ ଆହୁରି ଆଗକୁ ନେବେ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ। ୨୦୨୦ର ଓଡ଼ିଶା ଓ ଆଜିର ଓଡ଼ିଶାରେ ବହୁ ଫରକ । ମହିଳାମାନେ ହେଉଛନ୍ତି ନୂଆ ଓଡ଼ିଶାର ପରିଚୟ । ଲୋକସଭା ନିର୍ବାଚନରେ ଏଥର ବି ଅଧିକ ମହିଳାଙ୍କୁ ଟିକେଟ ମିଳିବ।

ବିଜୁ ବାବଙ୍କ ସ୍ୱପ୍ନ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ୩୩ ପ୍ରତିଶତରୁ ପଞ୍ଚାୟତରେ ୫୦ ପ୍ରତିଶତ ସଂରକ୍ଷଣ ସହ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି । ସେହିପରି ଏସ୍‌ଏଚ୍‌ଜି ଜରିଆରେ ୭୦ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏବେ ଓଡ଼ିଶା ଯୋଜନାକୁ ଦେଖି କେନ୍ଦ୍ର କରୁଛି ଯୋଜନା। ଓଡ଼ିଶା ଯାହା କରୁଛି ତାକୁ ଅନ୍ୟ ରାଜ୍ୟମାନେ ଗ୍ରହଣ କରୁଛନ୍ତି ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ।

ମମତା ଯୋଜନା ଆରମ୍ଭ ହେବାର କାରଣ ବି ଅଛି କହିଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ମୁଁ ୨୦୧୨ ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ସମୟରେ ଜଣେ ମହିଳା ଆଇଏଏସ୍ ପ୍ରସୂତି କାଳୀନ ଛୁଟି ପାଇଁ ଆବେଦନ କଲେ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲି। ସେ କହିଲେ ଯଦି ସରକାରୀ ଅଧିକାରୀ ପାଉଛନ୍ତି, ସମସ୍ତେ ପାଇବେ। ୫ ହଜାର ଟଙ୍କା ଗର୍ଭବତୀ ମାଆଙ୍କୁ ଦିଆଗଲା। ମମତା ଯୋଜନା ଜରିଆରେ ଯାହା ଏବେ ୧୦ ହଜାର ଟଙ୍କା ହୋଇଛି । ଏହାର ଦେଢ଼ ବର୍ଷ ପରେ ତତ୍କାଳୀନ କେନ୍ଦ୍ର ସରକାର ଇନ୍ଦିରା ଗାନ୍ଧୀଙ୍କ ନାଁରେ ଏପରି ଗୋଟେ ଯୋଜନା ଆରମ୍ଭ କଲେ। ଅର୍ଥାତ ଓଡ଼ିଶାର ସବୁ ଯୋଜନାକୁ କେନ୍ଦ୍ର ଓ ଅନ୍ୟ ରାଜ୍ୟ ଅନୁସରଣ କରନ୍ତି। ମିଶନ ଶକ୍ତି ମାଆମାନଙ୍କୁ ୧୦ ଲକ୍ଷ ଯାଏ ବିନା ସୁଧ ଋଣ ମିଳୁଛି । ପାସ୍‌ପୋର୍ଟ ଅଫିସରେ ବି ମାଆମାନେ ଲମ୍ବା ଲାଇନ ଲଗାଉଛନ୍ତି। କହୁଛନ୍ତି ନବୀନ ପଟ୍ଟନାୟକ ପଠାଇଛନ୍ତି ପାସ୍‌ପୋର୍ଟ କର। ୮୦୦ ମାଆ ଦୁବାଇ ଓ ସିଙ୍ଗାପୁର ଗଲେଣି।



ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ସ୍ୱଚ୍ଛତା ଓ ଭଲ ଭାବେ ନିର୍ବାହ କରନ୍ତୁ। ଯେଉଁ ମହିଳା ନିର୍ବାଚନ ଜିତିଛନ୍ତି, ସେମାନେ ନିଜେ ନିଷ୍ପତ୍ତି ନିଅନ୍ତୁ । ପରାମର୍ଶ ପଛେ ଯାହା ଠାରୁ ନେଇ ପାରିବେ। ହେଲେ ନିଜେ ନିଷ୍ପତ୍ତି ନିଅନ୍ତୁ। ଏପରି ହେଲେ ଓଡ଼ିଶା ସଶକ୍ତ ହେବ। ନୂଆ ଓଡ଼ିଶା ଗଠନ ହେବ। ମହିଳାମାନଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ସଶକ୍ତିକରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି କହିଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।



ଭୁବନେଶ୍ୱର : ପବିତ୍ର ମହାଶିବରାତ୍ରୀ ଅବସରରେ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠାଯାଉଛି (ଫଟୋ-ସମ୍ବାଦ କଳିକା)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ରାଜ୍ୟସଭାକୁ ମନୋନୀତ ହେଲେ ସୁଧା ମୂର୍ତ୍ତି, ଏକ୍ସ ପୋଷ୍ଟ କରି ସୂଚନା ଦେଲେ ମୋଦି

ନୂଆଦିଲ୍ଲୀ, ୮।୩

ଶିକ୍ଷାବିତ ତଥା ଦେଶର ଜଣାଶୁଣା ଲେଖିକା ସୁଧା ମୂର୍ତ୍ତିଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ମୋଦି ଏହି ସୂଚନା ଦେଇଛନ୍ତି । ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି କି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସୁଧା ମୂର୍ତ୍ତିଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି। ଏକ ପୋଷ୍ଟରେ ସାମାଜିକ କାର୍ଯ୍ୟ, ପରୋପକାର ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ *(ଭିତର ପୃଷ୍ଠାରେ)*



## ନିଜ ଜାଲରେ ଫସିଛି ପାକିସ୍ତାନ: ବର୍ଷକରେ ୩୦୬ ଆତଙ୍କବାଦୀ ଆକ୍ରମଣ, ୭୦୦ ମୃତ

ଇସଲାମାବାଦ, ୮।୩

ଜାତିସଂଘ ନିରାପତ୍ତା ପରିଷଦରେ କଶ୍ମୀର ପ୍ରସଙ୍ଗରେ ବାରମ୍ବାର ଭାରତ ବିରୋଧରେ ବିଷୋଦଗାର କରୁଥିବା ପାକିସ୍ତାନ ଏବେ ଆତଙ୍କବାଦକୁ ନେଇ ନିଜ ଜାଲରେ ଫସିଛି। ପାକିସ୍ତାନ ଏବେ ଜାତିସଂଘରେ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବାଧ ହୋଇଥିବାରୁ ସର୍ବଦା ଆତଙ୍କବାଦକୁ ପ୍ରୋତ୍ସାହିତ କରିଆସିଥିବା ଏହି ରାଷ୍ଟ୍ର ଆଭିମୁଖ୍ୟକୁ ନେଇ ଏବେ ସରଗରମ ଚର୍ଚ୍ଚା ଚାଲିଛି । ଜାତିସଂଘରେ ପାକିସ୍ତାନ ରାଷ୍ଟ୍ରଦୂତ ମୁନିର *(ଭିତର ପୃଷ୍ଠାରେ)*





ଅଷ୍ଟ୍ରେଲିଆ ହିଁ ଜିତିବ ଟି-୨୦ ବିଶ୍ୱକପ-୨୦୨୪



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୪୩ ● ୯ ମାର୍ଚ୍ଚ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-43 ● 9th March 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24


# ସଂଶୋଧନ ହେବ ଓଡ଼ିଶା ବରିଷ୍ଠ ନାଗରିକ ନୀତି : ମିଳିବ ଅଧିକ ସାମାଜିକ ଓ ଆର୍ଥିକ ସୁବିଧା

**ଭୁବନେଶ୍ୱର, ୮।୩**
**ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ନାଗରିକମାନଙ୍କୁ ପୂର୍ବାପେକ୍ଷା ଅଧିକ ସୁବିଧା ସୁଯୋଗ ମିଳିବ। ସେଥିପାଇଁ ରାଜ୍ୟ ସରକାର ଓଡ଼ିଶା ବରିଷ୍ଠ ନାଗରିକ ନୀତି-୨୦୧୬ରେ ସଂଶୋଧନ କରିବାକୁ ଯାଉଛନ୍ତି । ଏଥିପାଇଁ ଏକ ପରାମର୍ଶଦାତା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫପିଏ)ର ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ସଂଶୋଧିତ ନୀତି ପ୍ରଣୟନ ନିମନ୍ତେ ବ୍ୟାପକ ବିଚାରବିମର୍ଶ ହୋଇଛି। ପରିବର୍ତ୍ତିତ ସାମାଜିକ-ଅର୍ଥନୈତିକ ପରିବେଶ ତଥା ଜନସଂଖ୍ୟାରେ ବୟସ୍କ ନାଗରିକଙ୍କ ଅନୁପାତ ବୃଦ୍ଧି ପରିପ୍ରେକ୍ଷୀରେ ଉକ୍ତ




ନୀତିରେ ସଂଶୋଧନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି ଯେ ଆର୍ଥିକ ପ୍ରଗତି, ସ୍ୱାସ୍ଥ୍ୟସେବାରେ ଉନ୍ନତି ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ପ୍ରଭାବକ୍ରମେ ବୟସ୍କ ନାଗରିକଙ୍କ *(ଭିତର ପୃଷ୍ଠାରେ)*

# ୨୦୩୧ ସୁଦ୍ଧା ଭାରତ ଉଚ୍ଚ ମଧ୍ୟମ ଆୟକାରୀ ରାଷ୍ଟ୍ର

**ନୂଆଦିଲ୍ଲୀ, ୮।୩**

ଦ୍ରୁତ ବେଗରେ ଦୌଡୁଛି ଭାରତୀୟ ଅର୍ଥନୀତି। ଏଥି ପାଇଁ ୨୦୩୧ ସୁଦ୍ଧା ଭାରତ ଏକ ଉଚ୍ଚ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ପରିଣତ ହୋଇଯାଇଥିବ ବୋଲି ବିଶ୍ୱର ନାମୀ ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ଏକ ରିପୋର୍ଟରେ ଏହା କୁହାଯାଇଛି। ସେତେବେଳକୁ ଭାରତ ଅର୍ଥ ବ୍ୟବସ୍ଥା ବର୍ତ୍ତମାନଠାରୁ ଦୁଇଗୁଣା ଅର୍ଥାତ୍ ୭ ଟ୍ରିଲିଅନ ଡଲାର ହୋଇଯିବ ବୋଲି କ୍ରିସିଲ କହିଛି। ଅର୍ଥନୀତିରେ ଏହି ଅଭିବୃଦ୍ଧି ହାସଲ କରିବା ପରେ ଭାରତ ଅପର ମିଡିଲ ଇନ୍‌କମ୍ ଷ୍ଟାଟସ୍ ହାସଲ କରିନେବ।

କ୍ରିସିଲ୍ ଇଣ୍ଡିଆ ଆଉଟ୍‌ଲୁକ୍ ରିପୋର୍ଟ ଅନୁସାରେ, ଘରୋଇ ଭିତ୍ତିଭୂମି ସୁଧାର ଦିଗରେ ନିଆଯାଇଥିବା ପଦକ୍ଷେପ ସମେତ ଅନ୍ୟ କିଛି କାରଣ ଯୋଗୁ ସ୍ଥିତିରେ ସୁଧାର ଆସିବ। ୨୦୩୧ ସୁଦ୍ଧା ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି କ୍ରିସିଲ୍ କହିଛି। କ୍ରିସିଲ୍‌ର ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକବର୍ଷ ୨୦୨୩-୨୪ ମଧ୍ୟରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୬ ପ୍ରତିଶତ *(ଭିତର ପୃଷ୍ଠାରେ)*




# ନିର୍ବାଚନ ଲଢ଼ିବାକୁ ଅମଙ୍ଗ ହେଉଛନ୍ତି କଂଗ୍ରେସର ବଡ ବଡ ନେତା

**ନୂଆଦିଲ୍ଲୀ, ୮।୩**

ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଏବେ ସବୁ ଦଳ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିଥିବାବେଳେ ଏବେ କଂଗ୍ରେସର ପ୍ରଥମ ପ୍ରାର୍ଥୀ ତାଲିକାକୁ ସମସ୍ତେ ଅପେକ୍ଷା କରିଛନ୍ତି । ଗାନ୍ଧୀ ପରିବାରରୁ କିଏ କେଉଁଠାରେ ପ୍ରତିନିଧିତ୍ୱ କରିବେ ଜାଣିବା ପାଇଁ ଲୋକଙ୍କ ଉତ୍ସାହ ବଢ଼ି ବଢ଼ି ଯାଇଥିଲେ ବି ଏଯାଏ କିଛି ଜଣାପଡ଼ିନାହିଁ । ତେବେ ମିଳିଥିବା ସୂଚନା ମୁତାବକ କଂଗ୍ରେସର ବଡ ବଡ ନେତାମାନେ ନିର୍ବାଚନ ଲଢ଼ିବାକୁ ଚାହୁଁନାହାନ୍ତି । ବାସ୍ତବରେ କଂଗ୍ରେସ ପାର୍ଟି



ଚାହୁଁଛି ଯେ ଏହାର ବଡ ନେତାମାନେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ, କିନ୍ତୁ ଅନେକ ରାଜ୍ୟରୁ ଏହାର ବଡ ଚେହେରା ନିର୍ବାଚନ କ୍ଷେତ୍ରଠାରୁ ଦୂରରେ ରହିଥିବାର ଦେଖାଯାଉଛି। ଏହି ତାଲିକାରେ ପ୍ରିୟଙ୍କା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ପିଏଲ ପୁନିଆ ପର୍ଯ୍ୟନ୍ତ ସମସ୍ତେ ଅଛନ୍ତି। ଏହି ବଡ ବଡ ନେତାମାନଙ୍କ ମଧ୍ୟରେ ପ୍ରିୟଙ୍କା ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ଅଶୋକ ଗେହଲଟ, ସଚିନ ପାଇଲଟ, ଦିଗବିଜୟ ସିଂହ, କମଲନାଥ, ଭୂପିନ୍ଦର ସିଂହ ହୁଡ୍ଡା, ରଣଦୀପ ସୁରଜୱାଲା ପ୍ରମୁଖ ଅଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସର କିଛି ବଡ ଚେହେରା ମଧ୍ୟ ନିର୍ବାଚନ ଲଢେଇରେ ଦେଖିବାକୁ ମିଳିପାରନ୍ତି। ଯଦି ଆମେ ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲଙ୍କ ବିଷୟରେ ଆଲୋଚନା କରିବା, ତେବେ ତାଙ୍କୁ ରାଜନନ୍ଦଗାଓଁ ଆସନରୁ ପ୍ରାର୍ଥୀ କରାଯାଇପାରେ । ଏହା ବ୍ୟତୀତ ପଶ୍ଚିମବଙ୍ଗ ରାଜ୍ୟ କଂଗ୍ରେସ *(ଭିତର ପୃଷ୍ଠାରେ)*

# ଶିବରାତ୍ରିରେ ଚମତ୍କାର, ଶହେରୁ ଅଧିକ ତମ୍ବା ପିତ୍ତଳ ନାଗମୂର୍ତ୍ତି, ଶିବଲିଙ୍ଗ ଏବଂ ବୃଷଭ ମୂର୍ତ୍ତି ଉଦ୍ଧାର

**କଟକ, ୮।୩ : ନ୍ୟୁଜ୍ ବ୍ୟୁରୋ**

ଶହେରୁ ଅଧିକ ତମ୍ବା ଓ ପିତ୍ତଳ ନାଗମୂର୍ତ୍ତି, ଶିବଲିଙ୍ଗ ଏବଂ ବୃଷଭ ମୂର୍ତ୍ତି ଉଦ୍ଧାର କରାଯାଇଛି। କଟକ ଜିଲ୍ଲା ବାଙ୍କୀ ନିକଟ ମହାନଦୀର ସୁବର୍ଣ୍ଣପୁର ଘାଟରୁ ଶହେରୁ ଅଧିକ ତମ୍ବା ଓ ପିତ୍ତଳ ନାଗମୂର୍ତ୍ତି, ଶିବଲିଙ୍ଗ



ଏବଂ ଦୁଇଟି ବୃଷଭ ମୂର୍ତ୍ତି ଉଦ୍ଧାର କରାଯାଇଛି। ବାଙ୍କୀ ମହାନଦୀ ପଠାର ସୁବର୍ଣ୍ଣପୁର ଘାଟରେ କିଛି ପିଲା ଗାଧୋଉଥିବା ବେଳେ ପାଣିରେ ମୂର୍ତ୍ତି ପଡ଼ିଥିବା ଜାଣିବାକୁ ପାଇଥିଲେ। ପରେ ମତ୍ସ୍ୟଜୀବୀଙ୍କ ସହାୟତାରେ ଏହି ନାଗମୂର୍ତ୍ତି ଗୁଡିକ ଉଦ୍ଧାର କରାଯାଇଥିଲା। ଏସବୁ ପ୍ରାଚୀନ ମୂର୍ତ୍ତି ହୋଇଥିବା ଅନୁମାନ କରାଯାଉଛି।

ଉଦ୍ଧାର ପରେ ମୂର୍ତ୍ତିଗୁଡିକୁ ସ୍ଥାନୀୟ ପଞ୍ଚାୟତ ଅଫିସରେ ରଖାଯାଇଛି । ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି । ଶୁକ୍ରବାର ପବିତ୍ର *(ଭିତର ପୃଷ୍ଠାରେ)*




ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ୪୦ ପ୍ରତିଶତ ଚାକିରି ପଡ଼ିବ ବିପଦରେ

ଏଆଇକୁ ନେଇ ପ୍ରତିଦିନ କିଛି ନା କିଛି ଖବର ସାମ୍ନାକୁ ଆସୁଛି । କାମକୁ ଅତି ସହଜରେ କରିବାକୁ ପାଇଁ ଲକ୍ଷ୍ୟ ରଖାଯାଇଛି ଏହି ଏଆଇ ଦ୍ୱାରା । ପୁଣି ଦ୍ରୁତ ଭାବରେ ବଢ଼ୁଥିବା ଆଧୁନିକ ଜ୍ଞାନକୌଶଳ ଆଡ଼କୁ ବଢ଼ୁଥିବା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନିଭାଇବ । ଯାହା ଆରମ୍ଭ ମଧ୍ୟ ହୋଇସାରିଛି । ଏମିତିରେ ତ ସବୁ ଆଧୁନିକ ଜ୍ଞାନକୌଶଳର ଲାଭ ଏବଂ କ୍ଷତି ଉଭୟ ରହିଥାଏ । ଏହା ଏଆଇ ସହ ମଧ୍ୟ ହେଉଛି । ଏହାର କିଛି ଫାଇଦା ଅଛି ତ ପୁଣି କିଛି କ୍ଷତି ମଧ୍ୟ । ଆଉ ଏହିଭଳି ଏଆଇର ଏକ କ୍ଷତି ବିଷୟରେ ଏହାର ଏକ ସଦ୍ୟ ରିପୋର୍ଟରେ ଖୁଲାସା କରିଛି ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ଅର୍ଥାତ ଆଇଏମଏଫ ।

ପ୍ରକୃତରେ ଆଇଏମଏଫର ଏକ ନୂଆ ବିଶ୍ଳେଷଣ ଅନୁଯାୟୀ, ଏଆଇ ଅର୍ଥାତ ଦୁନିଆର ପ୍ରାୟ ୪୦ ପ୍ରତିଶତ ଚାକିରିକୁ ପ୍ରଭାବିତ କରିପାରେ । ବିବିସିର ଏକ ରିପୋର୍ଟ ଅନୁଯାୟୀ ଆଇଏମଏଫର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ଅଧିକାଂଶ ପରିସ୍ଥିତିରେ ଏଆଇ ହୁଏତ ସମଗ୍ର ବିଶ୍ୱର ଅସମାନତାକୁ ଆହୁରି ଖରାପ କରିପାରେ । ଜର୍ଜିଭା କହିଛନ୍ତି ପଲିସିମେକର୍ସଙ୍କୁ ଏହିଭଳି ଭାବରେ ପରିସ୍ଥିତି ଉପରେ ଧ୍ୟାନ ଦେବା ଦରକାର ଫଳରେ ଟେକ୍ନୋଲୋଜି ଦ୍ୱାରା ସାମାଜିକ ସ୍ଥିତିକୁ ଆହୁରି ଅଧିକ ଉସ୍କେଇବାରୁ ରୋକାଯାଇପାରିବ ।

ଏହି ରିପୋର୍ଟ ଅନୁଯାୟୀ, ଆଇଏମଏଫ କହିଛି ଏଆଇ ଆଡଭାନ୍ସ ଇକୋନୋମିଜ୍‌ରେ ଚାକିରିର ପ୍ରାୟ ୬୦ ପ୍ରତିଶତ ପ୍ରଭାବିତ କରିଛି । ଏଥିରୁ ଅଧା କର୍ମଚାରୀ ଏଭଳି ରହିବେ ଯେଉଁମାନେ ଏଆଇରୁ ଫାଇଦା ମିଳିବା ନେଇ ଆଶା କରିପାରନ୍ତି, ଯାହାଦ୍ୱାରା ସେମାନଙ୍କ ଉତ୍ପାଦକତା ବଢ଼ିବ । ଏହା ବ୍ୟତୀତ ଏଆଇ ସେହି କାମକୁ ମଧ୍ୟ କରାଯାଇପାରିବ, ଯାହାକୁ କରିବା ପାଇଁ ବର୍ତ୍ତମାନ କର୍ମଚାରୀଙ୍କୁ ଆବଶ୍ୟକ ପଡ଼ିବ । ଏଥିରେ ଶ୍ରମ ଅର୍ଥାତ କର୍ମଚାରୀଙ୍କ ଆବଶ୍ୟକ କମ୍ ହୋଇପାରିବ । ଦରମା ପ୍ରଭାବିତ ହୋଇପାରେ ଏବଂ ଏମିତିକି ଚାକିରି ମଧ୍ୟ ହରାଇପାରନ୍ତି । ଅବଶ୍ୟ ଆଇଏମଏଫର ଅନୁମାନ ରହିଛି ଯେ, ଏଆଇ ଟେକ୍ନୋଲୋଜି କମ୍ ଆୟ ଥିବା ଦେଶରେ କେବଳ ୨୬ ପ୍ରତିଶତ ଚାକିରିକୁ ପ୍ରଭାବିତ କରିବ ।

ଆଇଏମଏଫର ପରିଚାଳନା ଡାଇରେକ୍ଟର କହିଛନ୍ତି ଅନେକ ଦେଶ ପାଖରେ ଏଆଇର ଫାଇଦା ନେବା ପାଇଁ ଆବଶ୍ୟକ ଭିତ୍ତିଭୂମି ତଥା କାର୍ଯ୍ୟବଳ ନାହିଁ, ଯାହାଦ୍ୱାରା ଏହାର ବିପଦ ବଢ଼ିଛି । ଆଉ ସମୟ ସହ ଏହି ଟେକ୍ନୋଲୋଜି ବିଶ୍ୱର ଅନେକ ଦେଶ ମଧ୍ୟରେ ଅସମାନତା ବଢ଼ାଇପାରେ । ଆଇଏମଏଫର କହିବା ଅନୁଯାୟୀ କମ୍ ଆୟ ଏବଂ ଅଧିକ ବୟସର କର୍ମଚାରୀ ପଛରେ ପଡ଼ିପାରନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ

ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଷ୍ଠେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ୱମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

## ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ—୩୫

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସଭାପୂର୍ବରୁ କୌଣ୍ଡିନ୍ୟଙ୍କ ଅନୁଭବ

'ଅ ଓ ଆ' ବ୍ୟତିରେକ ଅନ୍ୟ ସ୍ୱରବର୍ଣ୍ଣକୁ ପ୍ରତି ପଦର ଅଂଶମାନଙ୍କ ପ୍ରଥମ ଅକ୍ଷର କରି କଷ୍ଟକର ଗୀତ ରଚନା ଏ ଗୀତରେ ଆଗେଇଛି। ପୂର୍ବ ତିନୋଟି ଗୀତରେ ଯଥାକ୍ରମେ ଏ/ଐ, ଇ/ଈ ଏବଂ ଓ/ଔକୁ ନେଇ ତିନୋଟି ବିରଳ ଗୀତ ରଚନା ହେବାପରେ ଏହି ଚଳିତ ଗୀତରେ 'ଋ' ବ୍ୟବହାର କରାଯାଇଛି। ଏ ବିରଳ ଗୀତଟିର ଆନନ୍ଦ ନେବାକୁ ଅନୁରୋଧ। ଏହା ଦ୍ରଷ୍ଟବ୍ୟ ଯେ 'ଋ' ଅକ୍ଷରରେ ଆରମ୍ଭ ହୋଇ ଓଡ଼ିଆ ଓ ସଂସ୍କୃତ ଭାଷାରେ କୌଣସି ଶବ୍ଦ ନାହିଁ।

ଋଷି କୌଣ୍ଡିନ୍ୟ ବଂଶଜ
ଋଣୀ ମଣନ୍ତି ନିଜକୁ
ଋଦ୍ଧ ପ୍ରାସାଦେ ଭ୍ରମନ୍ତି
ଋତ ବା ମିଥ୍ୟା ସର୍ଜନା
ଋତରୂପୀ ରଶ୍ମିପାତେ
ଋଦ୍ଧି ପ୍ରକୃତି ରାଣୀର
ଋତୁ ଶୀତ ଶେଷ ପ୍ରାୟ
ଋତୁ ବସନ୍ତ ଆସିବ
ଋତ ଚମକେ ସାଗରେ
ଋଷଭ ପଂକ୍ତି କ୍ରୀଡ଼ନ୍ତି

ସେ ଯେ କଳିଙ୍ଗବୀର
ପାଇ ରାଜ ସତ୍କାର ।।୧ ।।
ଅତି ପ୍ରସନ୍ନ ହୋଇ
ତାହା ବାରି ନୁହଇ ।।୨ ।।
ଝଲକେ ଚତୁର୍ଦ୍ଦିଗ
ଅଟେ ଅବା ଅପୂର୍ବ ।।୩।।
ଏ ପାତାଳ ରାଜ୍ୟରେ
ଆଗେ ଅଳ୍ପ କାଳରେ ।।୪ ।।
ସ୍ୱଚ୍ଛ ସୁନୀଳ ରଂଗେ
ରଂଗେ ଜଳ ତରଙ୍ଗେ ।।୫ ।।



ଋତ୍ୱିକଙ୍କ ଘଣ୍ଟିସ୍ୱନେ
ଋଷଭଙ୍କ କଳନାଦେ
ଋଜୁକାୟ ସେ ବୀରଙ୍କ
ଋ ଆଦ୍ୟେ ଦୁର୍ଗାଚରଣ

ସଂଧ୍ୟାରାଣୀ ଆସିଲା
ଗଗନ ପ୍ରକମ୍ପିଲା ।।୬ ।।
ଔତ୍ସୁକ୍ୟ ବୃଦ୍ଧି ହେଲା
ଗୀତଟି ଶେଷକଲା ।।୭ ।।

**ଶବ୍ଦାର୍ଥ**

**ପଦ (୧)ରୁ (୪) ପର୍ଯ୍ୟନ୍ତ :** ବଂଶଜ- ବଂଶରୁଜାତ। ଋଦ୍ଧ- ସମୃଦ୍ଧିଶାଳୀ। ଋତ-ସତ୍ୟ। ସର୍ଜନା-ସୃଷ୍ଟି, ନିର୍ମାଣ। ଋତରୂପୀ-ସୂର୍ଯ୍ୟ। ଋଦ୍ଧି-ସଂପତ୍ତି।

**ପଦ (୫)ରୁ ଶେଷ :** ଋତ-ଜଳ। ଋଷଭ ପଂକ୍ତି-ପକ୍ଷୀଜଳ। ଋତ୍ୱିକ-ପୂଜାରୀ। ଋଜୁକାୟ-ସବଳ ଶରୀରଧାରୀ ବ୍ୟକ୍ତି।

# ଶିବମହିମା ଓ ମହାଶିବରାତ୍ରି



ଡ. ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭

ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ। ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ। ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି। ତେଣୁ ସେ ସ୍ୱୟଂ ପରମେଶ୍ୱର। ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ବ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ। ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା। ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ। ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ। ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ। ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା। ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ। ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ୍ୟ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ 'ଶିବ' ନାମରେ ଉଲ୍ଲେଖ ନ ଥିଲେ ହେଁ ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଶ୍ୱେଶ୍ୱର, ୮. ତ୍ରେମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧୁ-ରାମେଶ୍ୱର, ୧୨. ଘୁସ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ। ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ୍ୟ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ୍ୟ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ। ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ। ଏହା ଶିବଙ୍କ ଅନୁଶାସନର ପ୍ରତୀକ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ।

ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ। ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ । ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର ଆବିର୍ଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ୍ୟ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ। ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ। ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ୍ୟ କୁହାଯାଏ। ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।

# ଶିବମହିମା



ରାଜସ୍ମିତା ବାରିକ୍
ନୀଳଗିରି, ବାଲେଶ୍ୱର

> ଓଁ ତ୍ରୟମ୍ବକମ୍ ଯଜାମହେ, ସୁଗନ୍ଧିମ୍ ପୁଷ୍ଟି ବର୍ଦ୍ଧନମ
> ଉର୍ବାରୁକମ ମିବ ବନ୍ଧନାତ ମୃତ୍ୟୁର୍ମୋକ୍ଷିୟ ମାମୃତାତ୍ ।।

ସନାତନ ଧର୍ମରେ ପ୍ରଥା, ପରମ୍ପରା, ଆଧ୍ୟାତ୍ମିକତା ଭାବ ଆମ ସଂସ୍କୃତିର ପରିଚୟ ଦିଏ। ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପାଳନ କରାଯାଏ। ଦେବଦେବ ମହାଦେବଙ୍କଦ୍ୱାରା ଏଇ ଦିନ ସଂସାର ପ୍ରକଟ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ଦେବତା ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ହଳାହଳ ବିଷକୁ ଶିବ ପାନକରି ସମଗ୍ର ବିଶ୍ୱକୁ ରକ୍ଷା କରିଥିଲେ । ଏହି ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ଶିବ ମୂର୍ଚ୍ଛା ହୋଇଯାଇଥିଲେ । ତାଙ୍କର ଚେତା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ପ୍ରଦୀପ ଜାଳି ଉଜାଗରରେ ରହିଥିଲେ। ସେହି ଦିନକୁ ଭକ୍ତ ମାନେ ଶିବରାତ୍ରି ଭାବେ ପୂଜା କରିଥାନ୍ତି । ଶିବ ହେଉଛନ୍ତି କଲ୍ୟାଣମୟ । ସବୁ ଅମଙ୍ଗଳକୁ ବିନାଶ କରି ମଙ୍ଗଳର ରୂପ ହିଁ ଶିବ। ଶିବ ଶବ୍ଦ ଶୁଭାବହ। ସମସ୍ତ ଜୀବଜଗତ ତାଙ୍କୁ ପ୍ରାର୍ଥନା କରି ଐଶ୍ୱର୍ଯ୍ୟ ଭୋଗ କରିଥାନ୍ତି। ସେଥି ପାଇଁ ସେ ମହେଶ୍ୱର । ଶିବ ହେଉଛନ୍ତି ଆଦିସ୍ରଷ୍ଟା। ନିଜେ ଅର୍ଦ୍ଧନାରୀଶ୍ୱର ହୋଇ ସମଗ୍ର ଜୀବ ଜଗତକୁ ସୃଷ୍ଟି କରିଛନ୍ତି। ସମଗ୍ର ଜୀବ ଜଗତକୁ ବିଷର ଜ୍ୱାଳାରୁ ରକ୍ଷା କରିଛନ୍ତି, ସେଥିପାଇଁ ସେ ନୀଳକଣ୍ଠ । ମହାଦେବ ନିଜ ମସ୍ତକରେ ଚନ୍ଦ୍ର ଏବଂ ଗଙ୍ଗା ଧାରଣ କରିଛନ୍ତି। ନିଜ ଗଳାରେ ସର୍ପ ଆଭୂଷିତ କରି ବକ୍ଷ ଦେଶରେ ମୁଣ୍ଡମାଳ ଧାରଣ କରିଥାନ୍ତି। ହାତରେ ତ୍ରିଶୁଳ ଓ ଡମ୍ବରୁ ଧାରଣ କରିଛନ୍ତି । ଶ୍ମଶାନରେ ବାସ କରି ଭସ୍ମ ନିଜ ଦେହରେ ଲେପନ କରନ୍ତି । ସେହିପରି ବୃଷଭ ନନ୍ଦୀ ହେଉଛନ୍ତି ସାତ୍ୱିକ ଶକ୍ତି ଓ ବଳର ପ୍ରତୀକ, ଯିଏକି ମହାଦେବଙ୍କ ବାହାନ। ଭଗବାନ ଶିବ ବାଘଛାଲ ପିନ୍ଧିବା ସହ ଏହା ଉପରେ ବସିଥାନ୍ତି । ବାଘ ହେଉଛି ଶକ୍ତି ଓ ସତ୍ତାର ପ୍ରତୀକ। ତେଣୁ ଶକ୍ତି ଓ ସତ୍ତା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ତଥା ବିଜୟ ଲାଭ କରିଲେ ହିଁ ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିପାରିବ । ଭଗବାନ ଶିବ ହିମାଳୟରେ ବାସ କରନ୍ତି ।

ପୌରାଣିକ ମତ ଅନୁଯାଇ ଦକ୍ଷ ପ୍ରଜାପତି ନିଜ ଦ୍ୱାରା ଆୟୋଜିତ ଯଜ୍ଞକୁ ଯଜ୍ଞ ବିରୋଧୀ ଶିବଙ୍କୁ ନିମନ୍ତ୍ରଣ କରିନଥିବାରୁ କନ୍ୟା ସତୀ ନିଜ ସ୍ୱାମୀଙ୍କ ଅସମ୍ମାନକୁ ସହି ନପାରି ଯଜ୍ଞରେ ଆତ୍ମହୁତି ଦେଇଥିଲେ। କ୍ରୋଧରେ ଶିବ ଉଲଗ୍ନ ହୋଇ ଯଜ୍ଞ ନଷ୍ଟ କରିବା ସଙ୍ଗେ ସଙ୍ଗେ ଦେବତାମାନଙ୍କୁ ଆକ୍ରମଣ କରିଥିଲେ। ସତୀଙ୍କ ମୃତଶରୀରକୁ ଧରି ନିଜକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଶିବ ସମଗ୍ର ବିଶ୍ୱ ଭ୍ରମଣ କରିବା, ପୁଣି କାଳ କାଳ ଧରି ତପସ୍ୟା କରି ଉଭୟେ ପୁଣି ଫେରିପାଇବା ହିଁ ଏହା ସୂଚାଏ ପ୍ରେମର ବାସ୍ତବିକ୍ ପରିଭାଷା କ୍ଷ ପତିପତ୍ନୀର ସମ୍ପର୍କ ତଥା ଶାଶ୍ୱତ ପ୍ରେମର ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ଶିବ ।

ଶିବରାତ୍ରିକୁ ଚାରୋଟି ପ୍ରହରରେ ସମ୍ପନ୍ନ କରାଯାଏ । ପ୍ରତ୍ୟେକ ପ୍ରହରର ସମୟ ତିନି ଘଣ୍ଟା । ପ୍ରଥମ ପ୍ରହରରେ ଶିବଲିଙ୍ଗକୁ ଦୁଗ୍ଧରେ ଅଭିଷେକ କରାଯାଏ । ଦ୍ୱିତୀୟ ପ୍ରହରରେ ଶିବଲିଙ୍ଗକୁ ଦହିରେ ଅଭିଷେକ କରାଯାଏ । ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗକୁ ମହୁରେ ଅଭିଷେକ କରାଯାଏ । ରାତ୍ରର ଶେଷ ପ୍ରହର ସମୟରେ ଶିବ ମନ୍ଦିରର ଚୂଡ଼ାଦେଶକୁ ମହାଦୀପ ଉଠାଯାଏ । ଭକ୍ତ ମାନେ ଶିବଙ୍କୁ ବହୁ ନିଷ୍ଠାର ସହ ଆରାଧନା କରିଥାନ୍ତି। ଭାଗବାନ ଶିବ ଭକ୍ତଙ୍କର ଦୁଃଖ, ରୋଗ, ଶୋକ ଦୂର କରି ମୁକ୍ତି ପ୍ରଦାନ କରନ୍ତି । ସାରା ସଂସାରକୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରିବା ହିଁ ପ୍ରକୃତ ଜାଗର। ପୁଷ୍ପ, ଚନ୍ଦନ, ପତ୍ର ଓ ଫଳ ଆଦି ପ୍ରଦାନ କରି, ଜପ, ତପ, ଧ୍ୟାନ ଦ୍ୱାରା ଶିବ ପୂଜା ହୋଇଥାଏ। କିନ୍ତୁ ପ୍ରକୃତ ଶିବ ପୂଜାର ଉଦ୍ଦେଶ୍ୟ ଆତ୍ମ କଲ୍ୟାଣ ସହିତ ଜଗତ କଲ୍ୟାଣ କରିବା।

# ତୋତେ ହିଁ ତୁହି ରକ୍ଷାକର !



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୩୩୭୨୨୧୯୨୪

ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ । ଅନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଇତିହାସକୁ ନୀରିକ୍ଷଣ କଲେ ଅନେକ କଥା ଆଖି ସାମ୍ନାକୁ ଆସେ। ସର୍ବପ୍ରଥମେ ୧୯୧୧ ମସିହାରେ ଅନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇଥିଲା। ମାତ୍ର ଏହା ପୂର୍ବରୁ ୧୮୮୭ ମସିହା ମାର୍ଚ୍ଚମାସ ୮ ତାରିଖରେ ଆମେରିକାରେ ଏକ ବସ୍ତ୍ରଶିଳ୍ପର ମହିଳାମାନେ ତାଙ୍କ ଶ୍ରମ ୧୬ ଘଣ୍ଟାରୁ ୧୦ ଘଣ୍ଟା କରିବା ପାଇଁ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇ ଆସିଥିଲେ। ୧୯୦୯ ମସିହାରେ ମଧ୍ୟ ମହିଳାମାନେ ନିଜର ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଥିଲେ। ୧୯୧୦ ମସିହାରେ ଅନ୍ତରାଷ୍ଟ୍ରୀୟ ସମାଜବାଦୀ ମହିଳା ଅଧିବେଶନରେ ଋଷର କ୍ରାନ୍ତିକାରୀ ମହିଳା କ୍ଲାରା ଜେଟ୍‌କିନ୍ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଅନ୍ତର୍ଜାତିକ ମହିଳା ଦିବସର ବିଷୟବସ୍ତୁ ରହିଛି- ଅନ୍ତର୍ଭୁକ୍ତିକୁ ପ୍ରେରଣା ଏବଂ ଅତ୍ୟଧିକ ବିଷୟବସ୍ତୁ ହେଉଛି- ମହିଳାମାନଙ୍କର ବିନିଯୋଗ- ପ୍ରଗତିକୁ ତ୍ୱରାନ୍ୱିତ କରେ। ଏହା ଏକ ଅନ୍ତର୍ଭୁକ୍ତ ସମାଜ ଗଠନ ଏବଂ ମହିଳା ସଶକ୍ତିକରଣରେ ବିନିଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ ।

ପରବର୍ତ୍ତୀ ପର୍ଯ୍ୟାୟରେ ୧୯୧୨ ମସିହାରେ ଋଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ଉଦ୍ୟମ କରାଯାଇଥିଲା। ୧୯୧୫ ମସିହାରେ ଅସଲୋରେ ମହିଳାମାନେ ପ୍ରଥମ ବିଶ୍ୱଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୯୩୭ ମସିହାରେ ସ୍ପେନର ମହିଳାମାନେ ଫ୍ରାନକ୍ଲିନ୍‌ଙ୍କର ଅତ୍ୟାଚାରୀ ଶାସନ ବିରୁଦ୍ଧରେ ଲଢ଼ାଇ କରିଥିଲେ। ୧୯୪୩ ମସିହା ମାର୍ଚ୍ଚ ୮ ତାରିଖରେ ଭିଏତ୍‌ନାମର ନାରୀମାନେ ମାର୍କିନ ସାମ୍ରାଜ୍ୟବାଦ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ସେହିପରି ଇଟାଲୀର ମହିଳାମାନେ ସୁସୋଲିନି ତାନା ସାହିର ବିରୋଧ କରିଥିଲେ। ଆମ ଦେଶରେ ୧୮୫୭ ମସିହା ସିପାହୀ ବିଦ୍ରୋହ, ୧୯୨୦ ମସିହା ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଭାରତୀୟ ମହିଳାମାନେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନାରୀ ଆନ୍ଦୋଳନ ସାରା ବିଶ୍ୱର ମହିଳାମାନଙ୍କ ସ୍ଥିତିକୁ ସୁଦୃଢ଼ କରିଛି। ବିଭିନ୍ନ ସ୍ତରରେ ଆନ୍ଦୋଳନ ପରେ ନାରୀର ସ୍ଥିତିକୁ ନେଇ ବିଭିନ୍ନ ସ୍ତରରେ ବିଚାର ବିମର୍ଷ ହୋଇଛି। ଏସବୁ କଥା ବିଚାରକୁ ନେଇ ମିଳିତ ଜାତିସଂଘ ୧୯୭୫ ମସିହାରୁ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରିବାକୁ ସ୍ୱୀକୃତି ଦେଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜାତିସଂଘ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବିଷୟବସ୍ତୁ ରହିଛ। ଲିଙ୍ଗଗତ ସମାନତା ରକ୍ଷାକରିବା ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରିବା।

ମହିଳାମାନଙ୍କ ଆନ୍ଦୋଳନ ଫଳରେ ସାରା ବିଶ୍ୱରେ ଓ ଆମ ଦେଶରେ ମହିଳାମାନଙ୍କୁ ଅଭୁତପୂର୍ବ ସଫଳତା ମିଳିଛି। ଏଭଳି କାମ ନାହିଁ ଯେଉଁ କ୍ଷେତ୍ରରେ ମହିଳାମାନେ ଦକ୍ଷତାରସହ କାମକରି ଦେଖାଇନାହାଁନ୍ତି। ଆନି କୋହେନ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏ କି ସଫଳତାର ସହ ସାଇକେଲରେ ବିଶ୍ୱ ଭ୍ରମଣ କରିବାର ଗୌରବ ଅର୍ଜନ କରିଥିଲେ। ଏଲିନା ଲୁକ୍ରେଜିଆ ହେଉଛନ୍ତି ଏପରି ଜଣେ ମହିଳା ଯିଏକି ସର୍ବପ୍ରଥମ ଫିଲୋସଫିରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ସେହିପରି ସାରାହ୍ ଡିଲିସ୍ ଆଉଟେନ୍ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏକି ସମୁଦ୍ର ଭିତରେ ଏକୁଟିଆ ଡଙ୍ଗାକୁ ଆହୁଲାମାରି ଜାପାନରୁ ଆଲାସ୍କା ଯାତ୍ରା କରିବାରେ ସଫଳ ହୋଇଥିଲେ। ଭାଲେଣ୍ଟିନା ତେରେସ୍କୋଭା ବିଶ୍ୱର ପ୍ରଥମ ମହାକାଶଚାରୀ। ଆମ ଦେଶ ତଥା ରାଜ୍ୟରେ ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇ ମହିଳାମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ବୈଦିକ ଯୁଗରେ ବିଶ୍ୱବାରା, ଲୋପାମୁଦ୍ରା, ଗାର୍ଗୀ, ପୁରାଣ ଯୁଗରେ ସୀତା, ସାବିତ୍ରୀ, ଅନସୂୟା ଆଦି ନାରୀମାନେ ସମାଜରେ ଉଚ୍ଚସ୍ଥାନର ଅଧିକାରିଣୀ ହୋଇପାରିଥିଲେ। ବର୍ତ୍ତମାନର ନାରୀ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି। ସେହିପରି ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କଠାରୁ ଆରମ୍ଭ କରି ମୀରା କୁମାର, ପି.ଟି ଉଷାଙ୍କ ଠାରୁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସୁନିତା ଚୌଧୁରୀଙ୍କ ଠାରୁ ପଦ୍ମିନୀ ରାଉତ, କିରଣ ବେଦୀଙ୍କ ଠାରୁ ରୂପା ମିଶ୍ର ଏବଂ ଐଶ୍ୱର୍ଯ୍ୟାରାୟ ବଚ୍ଚନଙ୍କ ଠାରୁ ନନ୍ଦିତା ଦାସଙ୍କ ଏପରିକି ଜ୍ୟୋତିର୍ମୟୀ ଦାସଙ୍କ ପର୍ଯ୍ୟନ୍ତ ସବୁଠି ନାରୀର ଜୟଯାତ୍ରା।

ଏ ସବୁ ମହିଳାମାନଙ୍କ ଆଖିଦୃଶିଆ ସଫଳତା ସତ୍ତ୍ୱେ ମହିଳା ଜଣଙ୍କ ନାଁ ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ। ସମାଜିକ ହିଂସା, ବଳାତ୍କାର, ଯୌତୁକ ହତ୍ୟା, ଘରୋଇ ହିଂସା ଓ କନ୍ୟାଭୃଣ ହତ୍ୟା ବଢ଼ିବାରେ ଲାଗିଛି। ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ। ଏକ ସର୍ବେକ୍ଷଣରୁ ଜଣାପଡ଼େ ଭାରତରେ ପ୍ରତି ୭୮ମିନିଟ୍‌ରେ ଗୋଟିଏ ଯୌତୁକ ଜନିତ ବଧୂହତ୍ୟା, ପ୍ରତି ୫୯ମିନିଟ୍‌ରେ ଜଣେ ମହିଳା ଯୌନ ଶୋଷଣର ଶୀକାର ହେଉଥିବା ବେଳେ ପ୍ରତି ୩୪ମିନିଟ୍‌ରେ ଜଣେ ମହିଳା ନିର୍ଯ୍ୟାତନା ଏବଂ ପ୍ରତି ୫ଜଣ ବିବାହିତ ମହିଳାଙ୍କ ମଧ୍ୟରୁ ୩ ଜଣ ମହିଳା ଘରୋଇ ହିଂସାର ଶୀକାର ହେଉଛନ୍ତି। ଦୁଷ୍କର୍ମ ବା ଧର୍ଷଣ କଥା ଆହୁରି ତଦ୍ରୁପ। ଶତକଡ଼ା ୨୦ଭାଗରୁ ଅଧିକ ମହିଳା ଧର୍ଷଣର ଶୀକାର ହେଉଛନ୍ତି। ୧୯୭୮ରେ ଗୀତା ଚୋପ୍ରା, ୧୮୮୮ରେ ରୂପମ୍ ବଜାଜ, ୧୯୯୩ରେ ରୁଚିକା, ୧୯୯୭ରେ ପ୍ରିୟଦର୍ଶିନୀ ମାଟ୍ଟୁ, ୧୯୯୯ରେ ଜେସିକା, ୨୦୧୩ରେ ବହୁ ଚର୍ଚ୍ଚିତ ନିର୍ଭୟା ଘଟଣା ଆମ ଭୋକ୍ତା ମନୋଭାବର ଏକ ନିଚ୍ଛକ ପରିପ୍ରକାଶ କହିଲେ ଭୁଲ୍ ହେବ ନାହିଁ। ଏହି ଘଟଣା ଘଟିବାର ଦୀର୍ଘ ବର୍ଷ ପରେ ବି ଅଭିଯୁକ୍ତ ମାନଙ୍କୁ ଫାଶୀ ଦଣ୍ଡ ମିଳିଛି ସତ ହେଲେ ଏହା ଆମ ବ୍ୟବସ୍ଥାରେ ଥିବା ତୃଟି ବିଚ୍ୟୁତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପରବର୍ତ୍ତୀ ସମୟରେ ଇତିଶ୍ରୀ, ବେବିନାଙ୍କ ପରି ଅନେକ ମହିଳା ନିର୍ଯ୍ୟାତନାର ଶିକାର ହେବା ଘଟଣା ଆମ ବିକୃତ ମାନସିକତାର ଗୋଟିଏ ଗୋଟିଏ ଉଦାହରଣ।

ଭଗବାନଙ୍କ ସୃଷ୍ଟିରେ ନାରୀ ଏକ ଅନବଦ୍ୟ ସୃଷ୍ଟି। ତାଙ୍କ ସ୍ଥିତି, ପରିଚିତ ଓ ଜୀବନ ପ୍ରବାହ ହିଁ ସାମଗ୍ରିକ ଭାବେ ଏକ ସମାଜର ପରିଚୟ। ଅନାଦି କାଳରୁ ନାରୀର ଭୂମିକା ବେଶ୍ ସୁସ୍ପଷ୍ଟ। ସମାଜ ଗଠନରେ ନାରୀର ଭୂମିକାକୁ ଏଡ଼ାଇଦିଆଯାଇ ନ ପାରେ। ଏକ ପରିପୂର୍ଣ୍ଣ, ସୁସ୍ଥ ଓ ସୁନ୍ଦର ସମାଜ ନାରୀ ବିନା ସମ୍ଭବ ନୁହେଁ। ଏସବୁ ସତ୍ତ୍ୱେ ପ୍ରତି ମୁହୂର୍ତ୍ତରେ ତାକୁ ନୂଆ ନୂଆ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ବିଶ୍ୱସ୍ତରରେ ନାରୀ ମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏବେ ଚିନ୍ତା କରିବାର ବେଳ ଆସିଛି। ପଞ୍ଚାୟତ ସ୍ତରରେ ବହୁ ସଂଖ୍ୟାରେ ମହିଳା ଭାଗ ନେଇଥିଲେ ମଧ୍ୟ ପ୍ରକୃତ କ୍ଷେତ୍ରରେ ନେତୃତ୍ୱ ନେବା କ୍ଷେତ୍ରରେ ଏବେ ବି ସେମାନେ ବହୁପଛରେ। ଉପର ସ୍ତରରେ ସ୍ଥାନ ସଂରକ୍ଷଣ ପାଇଁ ଏବେବି ବିବାଦ ତୁଟୁନାହିଁ। ଆଧୁନିକ ସମାଜରେ କନ୍ୟାଭ୍ରୁଣ ହତ୍ୟା ଦିନକୁ ଦିନ ବଢ଼ି ଚାଲିଛି। କନ୍ୟା ସନ୍ତାନ ପ୍ରତି ଏପରି ବିମୁଖତା ଆଦୌ ଗ୍ରହଣୀୟ ନୁହେଁ। ଏହାକୁ ରୋକିବା ପାଇଁ କଡ଼ାକଡ଼ି ଭାବେ ଆଇନ ପାଳନ କରାଯିବା ଉଚିତ୍। ଆଜି ମହିଳାମାନଙ୍କ ପାଇଁ ଜନନୀ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱର୍ଣ୍ଣଜୟନ୍ତୀ ସ୍ୱରୋଜଗାର ଯୋଜନା ପ୍ରଣୟନ କରାଯାଇଛି। ଜାତୀୟ ତଥା ରାଜ୍ୟ ସ୍ତରରେ ମହିଳା ଆୟୋଗ କାର୍ଯ୍ୟ କରୁଛି। କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସଂଗଠନ ମଧ୍ୟ ନାରୀସୁରକ୍ଷା ପାଇଁ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି । କିନ୍ତୁ ଏ ଦିଗରେ ଆଶାନୁରୂପ ଫଳ ମିଳିନାହିଁ। ତେଣୁ, ମହିଳାମାନେ ସଚେତନ ହେବା ନିତାନ୍ତ ଆବଶ୍ୟକ। ନିଜେ ନିଜକୁ ରକ୍ଷା କରିବା ପାଇଁ ଅଣ୍ଟା ଭିଡିବା ଦରକାର । ତାହାଲେ ଯାଇ ସେ ନିଜକୁ ରକ୍ଷା କରିପାରିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବସନ୍ତ ଆସିଛି



ବିଜୟଲକ୍ଷ୍ମୀ ପାଣିଗ୍ରାହି



ଏକ କମ୍ପାନୀରେ ନିଯୁକ୍ତି ପାଇଥାଏ ବିକାଶ । ଉଚ୍ଚ ଅଙ୍କର ଦରମା ପାଇ ତା' ମନରେ ଭୌତିକ ସୁଖପ୍ରତି ଲାଳସା ଜନ୍ମି ସାରିଥାଏ । ଏମିତିତ ପିଲାଦିନରୁ ତାକୁ ଭୋକ ଥିଲା । ହେଲେ ଏବେ ଏବେ ତା'ର ଭୋକ ଅସମ୍ଭାଳ । ପେଟର ଭୋକ, ମନର ଭୋକ, ଦେହର ଭୋକ, ଅର୍ଥର ଭୋକ । ସବୁବେଳେ ତାକୁ ଅସ୍ୱସ୍ତି କରିବାକୁ ଲାଗିଥାଏ ଭୋକ ! ଭୋକ ! ଭୋକ ! ଭୋକ ହିଁ ତ ତା'ପାଇଁ ଏକମାତ୍ର ସତ୍ୟ ଯାହା ମଣିଷକୁ ଜୀବନ ଜୀଇଁବାକୁ ପ୍ରେରିତ କରେ । ଏମିତି ଏକ ଚିନ୍ତା ଚେତନାରେ ରହି ସରସ୍ୱତୀ ଆଉ ଲକ୍ଷ୍ମୀ ଉଭୟଙ୍କର ଆଶୀର୍ବାଦକୁ ଧୀରେ ଧୀରେ ସେ ଅଭିଶାପରେ ପରିବର୍ତ୍ତନ କରିନେଲା । କାରଣ ଏ ଭୋକ ତାକୁ ଅହଂକାରୀ ଆଉ ଗର୍ବୀ କରାଇ ସାରିଥିଲା । ସେ ସେଥିରେ ଅନ୍ଧ ହୋଇଯାଇଥିବା ବାରି ହୋଇପଡୁଥିଲା, ତା'ର ବ୍ୟବହାରର କ୍ରୁରତାରେ ଦୁଇବର୍ଷ ପରେ ହଠାତ୍ ଦିନେ ଶୁଣିବାକୁ ପାଇଲା ନୂଆ ଏମଡ଼ି ଯୋଗଦେବେ ତାଙ୍କ ଅଫିସରେ । ବ୍ୟକ୍ତି ଜଣଙ୍କ କୁଆଡ଼େ ଭାରି ନିରଳସ ଆଉ ନମ୍ର । ତାଙ୍କ ପାଖରେ ଏକ୍‌ଦମ୍ ଭୋକ ନାହିଁ । ଏମିତି ଏକ ବ୍ୟକ୍ତି, ବିନା ଭୋକରେ ଜୀବନ ଯାତ୍ରାରେ ଏଠି ପହଞ୍ଚିଲା କିପରି ? ସେ ଯାହାବି ହେଉ, ସେ କିନ୍ତୁ ତା'ର ଭୋକକୁ ମାରି ପାରିବନାହିଁ । କାରଣ ସେଥିପାଇଁ ତ ସେ ଆଜି ଏହି ସ୍ଥାନରେ । ସେ ପ୍ଲାନ୍ କରିନେଲା କିପରି ଏମ୍.ଡିଙ୍କୁ ଟ୍ରାପ୍ କରିପାରିବ ? ତା'ର ଭୋକ ବଢ଼ିବାକୁ ଲାଗିଲା । କାରଣ ପ୍ରମୋସନ୍‌ଟା ତାଙ୍କ ହାତରେ । ସେଥିପାଇଁ ସବୁଠାରୁ ଦାମିକା ଏକ ସୁନ୍ଦର ପୁଷ୍ପଗୁଚ୍ଛ ଧରି ଆଗରେ ଠିଆ ହୋଇଗଲା । କାରଣ ପ୍ରଥମ ଦେଖାରେ ହିଁ ସେ ଏମ୍.ଡିଙ୍କୁ ଆକୃଷ୍ଟ କରିନେଇପାରିବ ।

ଫୁଲତୋଡାର ଗୋଟେ ଫୁଲରୁ ପୁରୁଣା ସ୍ମୃତିଟିଏ ତାକୁ ଆଛନ୍ନ କଲା । ସେ ଚାଲିଗଲା ସେହି ପୁରୁଣା ଦିନକୁ । ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳନ କରାଯାଉଥାଏ । ନୂଆ ନୂଆ ସାଙ୍ଗ ପାଇ ପିଲାମାନଙ୍କର ଖୁସି କହିଲେ ନସରେ । କିଏ କାହା ହାତରେ ହାତ ମିଶାଉଛି ତ କିଏ କାହାର ନାମ ପଚାରୁଛି ଆଉ କିଏ କାହାର ବିଦ୍ୟାଳୟର ନାମ ପଚାରୁଛି ତ ଆଉ କିଏ କାହାର ରୁଚି ବା ଅରୁଚି ବିଷୟରେ ଜାଣୁଛି । ସେ ଯାହା ହେଉନା କାହିଁକି ନୂଆ ବିଦ୍ୟାଳୟ, ନୂଆ ସାଙ୍ଗ ସହିତ ଅନେକ ନୂଆ ଭାବନାରେ ସମସ୍ତେ ମସ୍‌ଗୁଲ୍ । ଅଦୂରରେ ରହି ବିନୟ ଦେଖୁଲା... ବିକାଶ ଟିକେ ବାଦ ପଡିଛି ଏ ସବୁରୁ । ସେ ଆଉ ଡେରି ନକରି ବିକାଶ ପାଖକୁ ଆସି, ତା'ର ନାମ ଧରି ଡାକିଲା ଏବଂ ଫୁଲଟିଏ ଦେଇ ଏକଲା ବସିବାର କାରଣ ପଚାରିଲା । ବିକାଶ ଆଶ୍ଚର୍ଯ୍ୟ ହେଲା । କାରଣ ସେ କିପରି ତା'ର ନାମ ଜାଣିଛି ? ବିନୟ ତା'ର ଭ୍ରୁକୁଞ୍ଚିତ ମଥାଦେଖି ଅନୁମାନ କରିନେଇଥିଲା ସମସ୍ୟାଟିକୁ । ତେଣୁ ପ୍ରଶ୍ନ ଶୁଣିବା ପୂର୍ବରୁ ସେ ଉତ୍ତର ଦେଇ କହିଲା, ଆରେ ସାଙ୍ଗ ତୁମେ ତୁମନାମ ଅନ୍ୟକୁ କହୁଥିବା ବେଳେ ମୁଁ ଶୁଣିଦେଇଥିଲି । ସେଥିପାଇଁ ମୁଁ ତୁମ ନାମ ଜାଣିଛି । ତା'ପରେ ବିକାଶ ଟିକେ ହସିଦେଇଥିଲା । ହେଲେ ଏକଣ ସେଦିନର ସ୍ମୃତିରେ ଆଜି ବି ବିକାଶ ହସୁଛି । କମ୍ପାନୀର ସବୁ କର୍ମଚାରୀ ତା' ଆଡ଼କୁ ଚାହିଁଲେ । ବିକାଶ ସଙ୍ଗେ ସଙ୍ଗେ ନିଜକୁ ସଂଯତ କରିନେଲା ସତ ହେଲେ ସେଦିନର ଭାବନାରୁ ନିଜକୁ ମୁକ୍ତ କରିପାରିଲାନାହିଁ । ପୁଣି ଥରେ ସ୍ମୃତି ତାକୁ ଆବୋରି ନେଲା ।

ଆବୋରନ୍ତା ନାହିଁ ବା କିପରି ? ସେଦିନ ସେ ଖାଲି ହସି ନ ଥିଲା, ଫସିଗଲା ବି । ତା'ପରଠୁଁ ତ ବିନୟ ସହିତ ତା'ର ବନ୍ଧୁତା ବଢ଼ିବାକୁ ଲାଗିଲା ।

ବିନୟ ଏକ ବଡ ବେସରକାରୀ ବିଦ୍ୟାଳୟରେ ପଢୁଥିଲା ଆଉ ସେଠାରେ ସେ ଶ୍ରେଣୀରେ ପ୍ରଥମ ମଧ ହେଉଥିଲା । ବାପା ତା'ର ବଡ଼ ପୋଲିସ ଚାକିରୀ କରନ୍ତି । ଟଙ୍କା ପଇସାର ଅଭାବ ନଥିବା ପିନ୍ଧାପିନ୍ଧି ଚାଲିଚଳଣୀରୁ ଜଣା ପଡୁଥିଲା । ହେଲେ ତା'ବାପାଙ୍କର ବଦଳି ହେବାରୁ ଏଠାକୁ ଆସି ସେ ଭଲ ବେସରକାରୀ ବିଦ୍ୟାଳୟ ପାଇପାରିଲା ନାହିଁ । ଏଣୁ ସରକାରୀ ବିଦ୍ୟାଳୟରେ ହିଁ ପଢ଼ିଲା । ପାଠରେ, ଶାଠରେ, ବେଶଭୂଷାରେ ସେ ସମସ୍ତଙ୍କ ଠାରୁ ନିଆରା । ଧନୀ ଘରର ପୁଅ, ଅତି ଉତ୍ତମ ପାଠ ପଢ଼ାପଢ଼ି ହେଲେ ବି ମନରେ ତା'ର ନା ଅଛି ଗର୍ବ ନା ଅହଂକାର । ବରଂ ସମସ୍ତଙ୍କ ସହ ତା'ର ବନ୍ଧୁତା ଶିକ୍ଷକ ମାନଙ୍କୁ ଚକିତ କରୁଛି । ବିକାଶ ମନରେ ଏସବୁ ନେଇ ଅନେକ ସଂଶୟ । ସତରେ କ'ଣ ବିନୟର ଭାବନା ଏମିତି ହୋଇପାରେ ? ବିକାଶର ଦ୍ୱନ୍ଦ୍ୱ ଦୂରକରି ବିନୟ ଅଳ୍ପ ଦିନରେ ସଭିଙ୍କର ପ୍ରିୟ ହୋଇଉଠିଲା । ବିକାଶର, ଅସହାୟତା ଧୀରେ ଧୀରେ ଅସହିଷ୍ଣୁତାରେ ପରିଣତ ହେଲା । ସେ ମନରେ ଏକ ଜିଦ୍ ଧରିଲା ସେ କିଭଳି ବିନୟକୁ ପାଠରେ ପଛରେ ପକାଇ ସମସ୍ତଙ୍କର ପ୍ରିୟଭାଜନ ହେବ । ସେଥିପାଇଁ ସେ ଛଳନାର ମୁଖା ପିନ୍ଧି ବିନୟ ସହିତ ମିଶି ପଡ଼ିଲା । ବିନୟ ଏ କପଟତା ନଜାଣି ସେ ତାକୁ ଅକୁଣ୍ଠରେ ପଢ଼ାରେ ସହଯୋଗକଲା । ଉଭୟ ପ୍ରତି ପରୀକ୍ଷାରେ ଭଲକରି ଚାଲିଲେ । ଆଗକୁ ଆଗକୁ ବିନୟ ତ ଖୁସିଥାଏ ଅନ୍ତରରୁ ହେଲେ ବିକାଶ ନୁହେଁ । ଭିତରେ ଭିତରେ ସେ ଚାହୁଁ ନଥାଏ ବିନୟ ସହ ସମକକ୍ଷ । ତାକୁ ଅଧିକ ନମ୍ବର ରଖି ବିନୟର ଆଗକୁ ଯିବାକୁ ହେବ । ଏହି ଉଦ୍ଦେଶ୍ୟକୁ ଆଧାର କରି ଦଶମ ପରୀକ୍ଷାର ଠିକ୍ କିଛିଦିନ ପୂର୍ବରୁ ବିନୟକୁ ଡାକି ତା' ଖାଦ୍ୟରେ ନିଶା ମିଶାଇବା ଆରମ୍ଭ କଲା ତେଣୁ ଧୀରେ ଧୀରେ ବିନୟର ଦେହ ଖରାପ ହେବାକୁ ଲାଗିଲା । ପଢ଼ାପଢ଼ି ଠିକ୍ ଭାବରେ କରିନପାରିବାରୁ ପରୀକ୍ଷା ମଧ ଭଲ ହୋଇପାରିଲାନାହିଁ ।

ସେ ଥର ପରୀକ୍ଷା ଫଳ ପାଇ ବିକାଶର ଖୁସି ଝଲସି ଉଠିଲା । କାରଣ ସେ ବିନୟକୁ ବହୁତ ପଛରେ ପକାଇ ବିଦ୍ୟାଳୟରେ ସବୁଠାରୁ ଅଧିକ ନମ୍ବର ରଖିଛି । ଏମିତି ବି ବଡ କଲେଜରେ ତାକୁ ସ୍ଥାନ ମିଳିବ, ଯେଉଁଠି ବିନୟ ନଥିବ ।

ଆଜକୁ ନଅ ବର୍ଷ ହେଲା ବିନୟ ସହ ତା'ର କୌଣସି ସମ୍ପର୍କ ନାହିଁ । ଦୁଇବର୍ଷ ହେଲା ସେ ଚାକିରୀ କଲାଣି ହେଲେ ଆଜି କାହିଁକି ବିନୟ ଏତେ ମନେ ପଡୁଛି ? ପୁରୁଣା କଥାରୁ ତାକୁ ବାହାରି ଆସିବାକୁ ହେବ । କାରଣ ବିନୟକୁ ସେ ବହୁତ ପଛରେ ପକାଇ ଆସିଛି । ବିନୟ ବିନା ଆଜି ବି ତା'ପାଇଁ ଏକ ପରୀକ୍ଷାର ବେଳ ।

କିଛି ସମୟ ପରେ ସିମେଣ୍ଟ ରଙ୍ଗର କାର୍‌ଟିଏ ଆସି ଅଫିସ ସାମ୍ନାରେ ଠିଆ ହେଲା । କାର୍ ଭିତରୁ ବାହାରୁଥିବା ଏମ୍.ଡିଙ୍କୁ ଫୁଲତୋଡା ବଢ଼େଇ ଦେଉ ଦେଉ ସେ ଅବାକ ହୋଇ ରହିଗଲା । ଏମିତି କେମିତି ସମ୍ଭବ ହେଲା ! କମ୍ ନମ୍ବରର ସାଧାରଣ କଲେଜରେ ପାଠ ପଢି ବିନୟ ଏହି ପୋଷ୍ଟକୁ କିପରି ଆସିପାରେ ? ଏ ପ୍ରଶ୍ନଟି ତାକୁ ନିର୍ବାକ୍ କରିଦେଉଥିଲା । ଏହି ସମୟରେ ବିନୟ ହାତ ବଢ଼ାଇଲା ବିକାଶ ଆଡକୁ । ପୁଣିଥରେ ଫେରିଗଲା ବାରବର୍ଷ ତଳର ଷଷ୍ଠ ଶ୍ରେଣୀକୁ (ଯେଉଁଠି ସେ ବିକାଶ ଆଡକୁ ସହଯୋଗର ହାତ ବଢ଼ାଇଥିଲା) । ବିକାଶ ବିନୟକୁ ଚାହିଁଲା । ଦେଖିଲା ବିନୟ ଆଖିରେ ରହିଛି ତା' ପ୍ରତି ସେହି ବାରବର୍ଷ ତଳର ପୁରୁଣା ଶ୍ରଦ୍ଧା । ଏବେ ଆଉ ବିକାଶର ହାତ ବିନୟ ହାତ ସହ ମିଶି ପାରୁନଥିଲା । ଭୋକ ସବୁ ଝଡ଼ିପଡୁଥିଲା ଶୀତ ସଞ୍ଚର ପତ୍ରଝଡା ପରି । ହାତ ତା'ର ନଇଁ ଯାଉଥିଲା ବିନୟର ପାଦ ଆଡକୁ । ହଠାତ୍ ଦୁଇ ହାତରେ ବିକାଶକୁ ଉପରକୁ ଟାଣି ବିନୟ ତା' ଛାତିରେ ମିଶାଇ ନେଲା ଏବଂ ମୃଦୁ ହସ ଧାରରେ ପିଠି ଥାପୁଡ଼େଇ ଆଗକୁ ଚାଲିଲା । ଜୋକ ମୁହଁରେ ଲୁଣ ପାଇ ବିକାଶ ଅନାଇ ଥିଲା ବିନୟର ଚଲାପଥକୁ... ବସନ୍ତ ଆସିଛି ନିଶ୍ଚୟ ନହେଲେ କୋଇଲି କଣ୍ଠର ସ୍ୱାଗତିକା କେମିତି ସେ ଶୁଣିପାରୁଥାନ୍ତା ?

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ -୮୨୪୯୪୫୦୦୫୦*

# ମାୟା

*ଅକ୍ଷୟ ମହାନ୍ତି*



ଉଜ୍ଜୟିନୀ ରାଜ୍ୟେ
ରାଜା ଭର୍ତ୍ତୃହରି
ଅତ୍ୟନ୍ତ ଉଦାର ଥିଲେ
ଉଆସକୁ ତାଙ୍କ
ସନ୍ୟାସୀ ଜଣଙ୍କୁ
ନିମନ୍ତ୍ରଣ କରିଥିଲେ

ସନ୍ୟାସୀ ଜଣକ
ଅନୁରୋଧ ରଖି
ଉଆସକୁ ଆସିଥିଲେ
ଭବ୍ୟ ସମ୍ମାନରେ
ପ୍ରୀତ ହୋଇ ସିଏ
ଫଳଟିଏ ତାଙ୍କୁ ଦେଲେ

କହିଲେ, ଏ ଫଳ
ଖାଇଲେ ଆପଣ
ଦୀର୍ଘଜୀବି ହୋଇଯିବେ
ନିରୋଗରେ ରହି
ଶାନ୍ତିରେ ଜୀବନ
ଉପଭୋଗ କରୁଥିବେ

ସାନ ରାଣୀଙ୍କୁ ସେ
ଭଲ ପାଉଥିଲେ
ଫଳଟି ତାହାଙ୍କୁ ଦେଲେ
ଦୀର୍ଘ ଦିନ ଧରି
ନିରୋଗ ରହନ୍ତୁ
ତାହା ହିଁ କାମନା କଲେ

ଅଶ୍ୱ ପରେ ବସି
ଏକାନ୍ତରେ ରାଜା
ଶିପ୍ରା ତଟେ ବୁଲୁଥିଲେ
ସୁନ୍ଦରୀ ନର୍ତ୍ତକୀ
ରାଜାଙ୍କୁ ଓଗାଳି
ପ୍ରଣାମଟେ କରିଥିଲେ

ହାତେ ଧରିଥିଲେ
ଫଳଟିଏ ସିଏ
ରାଜାଙ୍କୁ ବଢାଇ ଦେଲେ
ରାଣୀଙ୍କୁ ଏ ଫଳ
ଦେଇଥିଲେ ରାଜା
ଚିନ୍ତାରେ ହିଁ ପଡିଗଲେ

ନର୍ତ୍ତକୀ କହିଲେ,
ଆପଣଙ୍କୁ ମୁହିଁ
ଅନେକ ସମ୍ମାନ କରେ

ଏହାକୁ ଖାଇଲେ
ନିରୋଗ ରହିବେ
ଅର୍ପଣ କରୁଛି କରେ

ରାଜା ଭର୍ତ୍ତୃହରି
ବହୁ ଚିନ୍ତା କରି
ଅନୁସନ୍ଧାନଟା କଲେ
ତାଙ୍କ ସାନ ରାଣୀ
ଯୁବ ଅମାତ୍ୟଙ୍କୁ
ଭାରି ଭଲ ପାଉ ଥିଲେ

ଏହି ଫଳଟିକୁ
ପ୍ରେମାସକ୍ତ ହୋଇ
ଅମାତ୍ୟଙ୍କୁ ଦେଇଥିଲେ
ତା'ପରେ ଅମାତ୍ୟ
ପ୍ରେମାପ୍ଳୁତ ହୋଇ
ନର୍ତ୍ତକୀଙ୍କୁ ଦେଇଥିଲେ

ରାଜା ଜାଣିଗଲେ
ଏହି ଦୁନିଆଁରେ
କେହି ବି କାହାର ନୁହଁ
ସଭିଏଁ ଏଠାରେ
ପ୍ରେମରେ ପାଗଳ
ଗଡାନ୍ତି ଶେଷରେ ଲୁହ

ତେଣୁ ଭର୍ତ୍ତୃହରି
ଗେରୁଆଟେ ପିନ୍ଧି
ଉଆସୁ ବାହାରି ଗଲେ
ସେହି ସନ୍ୟାସୀଙ୍କ
ଆଶ୍ରମେ ପହଞ୍ଚି
ସାଷ୍ଟାଙ୍ଗ ପ୍ରଣାମ କଲେ

ଶିଷ୍ୟ ରୂପେ ତାଙ୍କୁ
ବରି ନେବା ପାଇଁ
ନିବେଦନ କରିଥିଲେ
ଏ ମାୟା ବନ୍ଧନୁ
ମୁକ୍ତ କରିବାକୁ
ଅନୁରୋଧ ତାଙ୍କୁ କଲେ ।

*ମୋ-୯୯୩୭୪୬୨୫୦୭*

# ଯିଏ ମହାଦେବ ସିଏ ଶଙ୍କର

*ଜଗଦୀଶ ସାହୁ*



ଆସ ମଲ୍ଲି ଚମ୍ପା ହେନା ସେବତୀ
ଶିବଙ୍କ ଚରଣେ କରି ପ୍ରଣତି
ଉପବାସ ରହି ବ୍ରତ ପାଳିବା
ଭକତିରେ ଆମେ ଦୀପ ଜାଳିବା
କପିଳାସେ ନାମ ଚନ୍ଦ୍ରଶେଖର
ଝରଣା ଜଳରେ ସ୍ନାନ ତାଙ୍କର
ଆଖଣ୍ଡଳମଣି ପୀଠ ଭଦ୍ରକ
ଦରଶନେ ଦୂର ସକଳ ଶୋକ
ମହାନଦୀ କୂଳେ ଧବଳେଶ୍ୱର
ଯଶ ବିମଣ୍ଡିତ କୀର୍ତ୍ତି ଅପାର
ଲଡୁବାବା ପୀଠ ଶରଣକୂଳ
ଭକତ ଭିତରେ ଚଳଚଞ୍ଚଳ
ଶ୍ରୀକ୍ଷେତ୍ର ଧାମରେ ଶ୍ରୀଲୋକନାଥ
ବୁଡିବା ଲୋକଙ୍କୁ ଦେଖାନ୍ତି ପଥ
ଗୁପ୍ତେଶ୍ୱର ବାବା କୋରାପୁଟରେ
ତାଙ୍କ ମହିମାକୁ ଜଗତ ଝୁରେ
ଯିଏ ମହାଦେବ ସିଏ ଶଙ୍କର
ମହାଶିବରାତ୍ରି ପରବ ସାର !

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ- ୭୫୯୧୨୮*

# ଓଁ ନମଃ ଶିବାୟ

*କବିରତ୍ନ ନୂତନ କୁମାର ବେହେରା*



ଓଁ ନମଃ ଶିବାୟ ..... ଓଁ ନମଃ ଶିବାୟ,
ହେ ଦୟାମୟ.............. ହୁଅ ସଦୟ
ତୁମେ ଦେବ ଦେବ ମହାଦେବ
ତୁମେ ଆଶୁତୋଷ ସଦାଶିବ,
ଦୁଃଖୀ ଦୁଃଖ କର ଅନୁଭବ
କଲ୍ୟାଣେ ତୁମ ତରଇ ଜୀବ
ତୁମେ ଭୋଳାନାଥ ମହେଶ୍ୱର
କୈଳାସପତି ଉମାଶଙ୍କର,
ତୁମେ ତ ତ୍ରିଶୂଳଧାରୀ ହର
ପାପ ତାପ ସବୁ ଦୂର କର
ଓଁ ନମଃ ଶିବାୟ ... ଓଁ ନମଃ ଶିବାୟ,
ଦିଅ ବରାଭୟ .............ହେଉ ଜୟ
ତୁମେ ରୁଦ୍ର ହେ ଡମ୍ବରୁଧାରୀ
ଧର୍ମକୁ ରଖ ଦୁଷ୍ଟ ସଂହାରି,
ତୁମକୁ ଯିଏ କରେ ଗୁହାରି
ରଖ ତାକୁ ବିପଦୁଁ ଉଦ୍ଧାରି
ତୁମେ ନୀଳକଣ୍ଠ ଦିବ୍ୟ ଶକ୍ତି
ତୁମେ ପଞ୍ଚାନନ ମହାଜ୍ୟୋତି,
ଦୁଃଖ କ୍ଳେଶରୁ ଦିଅ ମୁକତି
ତୁମ ଚରଣେ ଢ଼ାଳେ ପ୍ରଣତି
ଓଁ ନମଃ ଶିବାୟ ... ଓଁ ନମଃ ଶିବାୟ,
ମାଗେ ଆଶ୍ରୟ............. ଦିଅ ଅଭୟ ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ-୮୦୧୮୩୫୩୩୨୨*



# ସମ୍ବଲପୁରୀ କବିତା

**ଗୁରୁ ପ୍ରସାଦ ସରକାର**



ବଲାଙ୍ଗୀର ଚିକ୍ରାପଡ଼ାର ଭୁଜାବାଲୀ ଗୁଟେ ମୁହିଁ,
ବଡ଼େ ସକାଲୁ ଉଠିପଡ଼ି ଭାଜୁଥିସି ଭୁଜା ମୁଇଁ । (୧)
ଯୁଡ଼େ ବଲି ଟୁକେଲ୍ ମୋର୍ ପାଠ୍ ପଢ଼ି ଯାଏସନ୍,
ଦୁଇ ଜନ୍‌କେ ବଡ୍ ବୁଇ ସାନ୍ ବୁଇ ଡାକ୍‌ସନ୍ । (୨)
ଦିନେ ଇସ୍କୁଲ୍ ଚୂଆଁରେ ପିଲାଗୁଟେ ପଡ଼ିଗଲା,
ହେଟା ଦେଖି ସାନ୍ ବୁଇ ତ ଚୂଆଁକେ ଡେଗି ପଡ଼ଲା । (୩)
ପାଏନ୍ ଭିତ୍ରୁ ପିଲାକେ ବାହାର କରି ଆନ୍‌ଲା
ଉପ୍ରେ ଥାଇ ବଡ୍ ବୁଇ ତଲ୍‌କେ ରସି ଛାଡ୍‌ଲା । (୪)
କାଖେ ଧରି ପିଲାକେ ସାନ୍ ବୁଇ ରସିକେ ଧର୍‌ଲା,
ରସିକେ ଘିଚି ବଡ୍ ବୁଇ ଚୂଆଁ ଉପରେ ଆନ୍‌ଲା । (୫)
ଖବର୍ ପାଇ ହେଡ୍ ସାର୍ ଚୂଆଁ ପାଖ୍‌କେ ଆସ୍‌ଲେ,
ସାବାସ୍ ସାନ୍ ବୁଇ ଆରୁ ବଡ୍ ବୁଇକେ ବୟେଲେ । (୬)
ଇସ୍‌କୁଲ୍‌ନେ ମିଟିଙ୍ଗରେ ସାର୍‌ତ ଭାଷଣ୍ ଦେଲେ,
ସାନ୍ ବୁଇ ବଡ୍ ବୁଇ କେ ଦୁଇଟା ମେଡାଲ୍ ଦେଲେ । (୭)



*ମୋ-୯୪୩୭୦୩୦୪୫୩*

# ସୃଷ୍ଟିରେ ତୁମେ ନାରୀ

*ବେଣୁଧର ସୂତାର*



ସ୍ରଷ୍ଟାର ତୁମେ ଶ୍ରେଷ୍ଠ ଅବଦାନ
ସୃଷ୍ଟିରେ ତୁମେ ନାରୀ
ଅନ୍ତରେ ତୁମ ବିଶ୍ୱକଲ୍ୟାଣ
ବିଧାତା ଦେଇଛି ଭରି
ସୃଷ୍ଟି ସର୍ଜନାର ତୁମେତ ଆଧାର
ସଞ୍ଜିବନୀ ସୁଧା ଧାରୀ
ସୃଷ୍ଟିରେ ତୁମେ ନାରୀ......
ତୁମେ ସୃଜନର ସମ୍ଭାବନା ସୁର
ମମତାର ସୁର ଧୁନୀ
ଅୟୀ ପ୍ରକୃତିର ପରିପୂର୍ଣ୍ଣ ରୂପ
ବିଶ୍ୱରୂପା ସନାତନୀ
ତୁମବିନା ସ୍ଥିତି ଶୂନ୍ୟ ପରିସ୍ଥିତି
ନିଥର ଶୂନ୍ୟତା ପରି
ସୃଷ୍ଟିରେ ତୁମେ ନାରୀ .......
ସୃଷ୍ଟିମୟୀ ତୁମେ ନିଜ ସୃଷ୍ଟିର
ପୁଣ୍ୟମୟୀ ତେଜସ୍ୱିନୀ
ପବିତ୍ର ପ୍ରେମର ଧର୍ମ ଧାରିଣୀ
ମମତାର ସ୍ରୋତସ୍ୱିନୀ
ତୁମ ବ୍ୟତିରେକ ଏ ସୃଷ୍ଟିର ସୂତ୍ର
ହୁଏ ସିନା ହତଶିରୀ
ସୃଷ୍ଟିରେ ତୁମେ ନାରୀ........
ତୁମେ ସୃଜନର ଶାଶ୍ୱତ ସ୍ୱରୂପା
ସୃଷ୍ଟିର ଆଦିମ ଧାରା
ବକ୍ଷରେ ତୁମର ମମତା ମଧୁର
ପ୍ରାଣ ସଞ୍ଜିବନୀ ଭରା
ତୁମେ ଆଦିମାତା ସୃଷ୍ଟିର ସଂହିତା
ବିମୋହିନୀ ରୂପଧାରୀ
ସୃଷ୍ଟିରେ ତୁମେ ନାରୀ.......
ଜନନୀ ଭଗିନୀ କନ୍ୟା ପ୍ରଣୟିନୀ
ଏ ସୃଷ୍ଟିର ଚାରି ରୂପ
ପ୍ରକୃତି ରୂପିଣୀ ତୁମେ ନାରାୟଣୀ
ମାତୃତ୍ୱ ମଙ୍ଗଳ ଦୀପ
ମାଆ ତୁମେ ଏଇ ଅନନ୍ତ ବିଶ୍ୱର
ନମୋ ନମୋ ଗର୍ଭଧାରୀ
ସୃଷ୍ଟିରେ ତୁମେ ନାରୀ.......

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

# ଅବବୋଧ

*ଡ. ଅନିଲ ନନ୍ଦ*

ଥରେ ପାହାଡ଼ ବୋଲି
ବିମୁଗ୍ଧ କରିପାରିଥିବା ବିଭ୍ରାନ୍ତି
ଏବେ ପଦପାତ ବେଳେ ଜଣାଗଲା
କଙ୍କରିତ, ରୁକ୍ଷ ଓ କର୍କଶ

କେବେ ଆଖିକୁ, ଛାତିକୁ, ପାଦକୁ
ଆକ୍ରାନ୍ତ କରିଥିବା ତାର ଆକ୍ରୋଶ
ଋତୁମାନଙ୍କର ଅବତରଣରେ ହିଁ
ବିଚିତ୍ର ବର୍ଣ୍ଣରେ ବର୍ଣ୍ଣିଳ

କେବେ ହିଂସ୍ରତା କେବେ ମୌନତା
କେବେ ବନ୍ଧୁରତାରୁ
ତିଆରି କରୁଥାଏ ସଙ୍ଗୀତ
ଭୋଗୁଥିବା ଦିନବାର ମାନଙ୍କୁ ନେଇ
ଗଣି ଚାଲିଥାଏ ସମୟ ।

*କ୍ୟାମ୍ପସ-୯, କିଟ୍*
*ମୋ- ୯୯୩୭୮୪୩୩୬୮*



# ଆଦ୍ୟ ବସନ୍ତର ଶୋଭା

*କୁନଲତା ତ୍ରିପାଠୀ*

ଆଦ୍ୟ ବସନ୍ତର ଶୋଭା ଫଗୁଣ କି ମନ ଲୋଭା
ଫୁଲରେ ସଜାଇ ଗଢା ବିଚିତ୍ର ବିଭା
ଦୋଳାୟିତ ଛନ୍ଦେ ରଙ୍ଗେ ଭକତ ଭାବ ତରଙ୍ଗେ
ଯୁଗଳ ମୂରତି ହାଦେ ଫୁଟାଇ ଆଭା
ବିଭୂଷିତ ଥାଇ ବିମାନ
ବରଷୁଥାନ୍ତି ଅମୃତ ରାଧା ମୋହନ । ୦
ନାନା ରଙ୍ଗେ ପୁଷ୍ପମାନ ମାଖି ହୋଇ ତନୁ ମନ
ଚିତ କରନ୍ତି ହରଣ ଭବ ବିପିନେ
ଫୁଲରୁ ଫୁଲକୁ ହୋଇ ପ୍ରଜାପତି ଉଡୁଥାଇ
ତା ପ୍ରୀତି ସମ୍ଭାର ନେଇ ସ୍ୱାଗତ ତାନେ
ଅନନ୍ୟ ଏ ଭାବ ଅପୂର୍ବ
ଭାବନାରେ ବିକଶିତ ଦେବାଧି ଦେବ । ୧
ମଳୟ ମୃଦୁ ମନ୍ଦରେ ଧୀରେ ବହଇ ଛନ୍ଦରେ
ମଥାପାତି ମନୋହରେ ଚରଣାଶ୍ରିତ
ମଧୁ ସେ ବିତରୁ ଥାଇ ଆନନ୍ଦ ସଞ୍ଚାରି ଦେଇ
ଭାବ ବିହ୍ୱଳିତ ହୋଇ ଶରଣାଗତ
ଅଦୃଶ୍ୟରେ ହେ ଦୃଶ୍ୟମୟ
ଅନ୍ତରରୁ ଅନନ୍ତ ହେ ବିଶ୍ୱ ବିସ୍ମୟ । ୨
ଘେନି ଭକତର ଭାବ ବିଶ୍ୱାସେ ହୁଅ ସମ୍ଭବ
ଥାଅ ପ୍ରତି ଅନୁଭବ ଆନନ୍ଦ ମୂର୍ତ୍ତି
ଅଣୁରୁ ଅନନ୍ତ ବ୍ୟାପ୍ତ ସ୍ରଷ୍ଟା ସୃଷ୍ଟି ଏକମତ
ଲୀଳାକୁ କରି ବାଞ୍ଛିତ ଏ ଦିବ୍ୟ କୀର୍ତ୍ତି
ଆହେ ପୂର୍ଣ୍ଣ ପୁରୁଷୋତ୍ତମ
ପବିତ୍ର ପରମ କାମ୍ୟ ପରମ ଧାମ । ୩
ନବ ପଲ୍ଲବ ସମ୍ଭାରେ ତରୁବର ହରଷରେ
ସବୁଜିମାର ଭଣ୍ଡାରେ ଶୁଭେ ଶୋଭିତ
ଧବଳ ନୀଳ ଲୋହିତ ନାରଙ୍ଗୀ ସବୁଜ ପୀତ
ବାଇଗଣିରେ ପୁଷ୍ପିତ କୋମଳ ଗାତ୍ର
ମଞ୍ଜୁଳ ଏ କାହା ଭିଆଣ
କେ ନିପୁଣ ଅନୁପମ ନିତ୍ୟ ନୂତନ । ୪
ଭକତିକୁ ଘେନି ରୂପ ତ୍ରିଭଙ୍ଗିମା ଛନ୍ଦେ ପ୍ରୋକ୍ତ
ପ୍ରେମାମୃତେ ହୋଇ ସିକ୍ତ କର ବିହାର
ତନୁ ଶ୍ୟାମଳ ଗଉର ବେନି ମୂର୍ତ୍ତି ଏକାକାର
ଭକ୍ତ ପାଇଁ ଲୀଳାକର ପ୍ରୀତି ଅପାର
ପଦ ପଙ୍କଜରେ ପ୍ରାର୍ଥନା
ବିଶ୍ୱ କଲ୍ୟାଣେ ଆଶିଷଧାରା କାମନା । ୫

*କଟକ*
*ଫୋନ -୮୩୩୯୦୫୧୧୭୩*

# ବସନ୍ତ ଆସିଛି

*ରମାକାନ୍ତ ଦାସ*

ବସନ୍ତ ଆସିଛି ଧରଣୀ ହସୁଛି
ମଳୟର ମିଠା ସ୍ପର୍ଶରେ
କୋଇଲି ଗାଉଛି ମଧୁର ସଙ୍ଗୀତ
ଆମ୍ବ ବଉଳର ମିଠା ବାସ୍ନାରେ

ଗଗନେ ପବନେ ବନ ଉପବନେ
ଫଗୁଣ ଭରିଛି ରଙ୍ଗ
ସବୁଜ ସୁନ୍ଦର ଧରଣୀର ବକ୍ଷ
ମନେ ଖେଳାଏ ପ୍ରେମ ତରଙ୍ଗ

ନବପଲ୍ଲବରେ ତରୁଲତା ଡ଼ାଳେ
ଫୁଟିଛି ଚମ୍ପା ଟଗର
ଅଙ୍ଗେ ଅଙ୍ଗେ ତାର ଫଗୁଣର ଫଗୁ
ଏ ଡ଼ାଳୁ ସେ ଡାଳ ଉଡେ ଭ୍ରମର

ଛବିଳ ରଙ୍ଗରେ ପ୍ରକୃତିର ରୂପ
ଦିଶେ ଭାରି ମନଲୋଭା
ପ୍ରେମର ପୀୟୁଷ ଢାଳଇ ବସନ୍ତ
କୁଞ୍ଜେ କୁଞ୍ଜେ ପାଏ ଶୋଭା

ଋତୁ ରାଜାଙ୍କର ପହିଲି ସ୍ପର୍ଶରେ
ମୃଦୁ ଶିହରଣ ଖେଳେ
ପ୍ରେମେ ପ୍ରଜାପତି ଉଡ଼ି ବୁଲୁଥାଏ
ଏ ଡାଳରୁ ସେ ଡାଳେ

ଦୂର ଆକାଶରେ ଚାନ୍ଦ ହସୁଥାଏ
ଦେଖି ସରସୀରେ କଇଁ
ସୁରୁଜମୁଖୀ ଫୁଟି ଉଠି ହସେ
ବସନ୍ତର ମିଠା ସ୍ପର୍ଶ ପାଇ

ଧରଣୀ ରାଣୀର ମନଲୋଭା ବେଶ
ଦିଶେ କେଡେ ମନୋହର
ଅଙ୍ଗେ ଅଙ୍ଗେ ତାର ଫଗୁଣର ରଙ୍ଗ
ବିକଳ୍ପ ନାହିଁ ତାର ସୌନ୍ଦର୍ଯ୍ୟର ।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*





# ରୋହିତ ଓ ଗିଲ୍‌ଙ୍କ ଶତକ : ମଜଭୁତ ସ୍ଥିତିରେ ଟିମ୍ ଇଣ୍ଡିଆ

**ଧର୍ମଶାଳା**

ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ୍ ପ୍ରଥମେ ଶତକ ହାସଲ କଲେ। ଏହାପରେ ଦୁଇ ଯୁବ ତାରକା ଦେବଦତ୍ତ ପାଡିକ୍କଲ ଓ ସର୍ଫରାଜ ଖାନ ଅର୍ଦ୍ଧ ଶତକ ମାରିଲେ। ଏମାନଙ୍କୁ ଆଉଟ କରି ଇଂଲଣ୍ଡ କମ୍‌ବ୍ୟାକ କରିବାର ସ୍ୱପ୍ନ ଦେଖିଥିଲା। ହେଲେ ଶେଷ ଭାଗରେ କୁଲଦୀପ ଯାଦବ ଓ ଯଶପ୍ରୀତ ବୁମ୍‌ରା ମଧ୍ୟ ଦମ୍ଭ ଦେଖାଇଛନ୍ତି। ଭାରତକୁ ଦ୍ୱିତୀୟ ଦିବସରେ ଅଲଆଉଟ କରିବାକୁ ଆଶା କରିଥିବା ଇଂଲଣ୍ଡ ନିରାଶ ହୋଇଥିଲା। ୯ମ ଓ୍ୱିକେଟ ପାଇଁ ବୁମରା ଓ କୁଲଦୀପ ଅପରାଜିତ ୪୫ ରନ ଯୋଡ଼ିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତର ଟପ୍ ବ୍ୟାଟର ପ୍ରଥମଥର ପାଇଁ ୫୦ କିମ୍ବା ତାଠୁ ଅଧିକ ରନ କରିଛନ୍ତି। ପ୍ରଥମ ଦିନରେ ଯଶସ୍ୱୀ ଜୈସାଲ ଏକମାତ୍ର ବ୍ୟାଟର ଭାବେ ୫୭ ରନ କରି ଆଉଟ ହୋଇଥିଲେ। ଏହାପରେ ରୋହିତ ଶର୍ମା ୧୦୩, ଶୁବମନ ଗିଲ ୧୧୦, ପାଡିକ୍କଲ ୬୫ ଓ ସର୍ଫରାଜ ଖାନ ୫୬ ରନର ଇନିଂସ ଖେଳିଥିଲେ। ବ୍ୟାଟରଙ୍କ ଜଲୱା ଯୋଗୁ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୫ମ ଟେଷ୍ଟରେ ପୂରା ମଜବୁତ ସ୍ଥିତିରେ ପହଞ୍ଚିଯାଇଛି। ଷ୍ଟମ୍ପ ଅପସାରଣ ବେଳକୁ ଭାରତ ତା'ର ପ୍ରଥମ ଇନିଂସରେ ୮ ଓ୍ୱିକେଟ ହରାଇ ୪୭୩ ରନ କରି ନେଇଛି। ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଠାରୁ ଦଳ ୨୫୫ ରନ ଆଗରେ ରହିଛି। ଖେଳ ଶେଷ ବେଳକୁ ବୁମରା ୧୯ ଓ କୁଲଦୀପ ୨୭ ରନ କରି ଅପରାଜିତ ରହିଛନ୍ତି। ଶନିବାର ପୁଣି ଏମାନେ ଏହି ସ୍ଥାନରୁ ବ୍ୟାଟିଂ କରିବେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୨୧୮ ରନ କରିଥିଲା।

ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ଗୋଟିଏ ଓ୍ୱିକେଟ ହରାଇ ୧୩୫ ରନ କରିଥିଲା। ଶୁକ୍ରବାର ରୋହିତ ଶର୍ମା(୫୨) ଓ ଗିଲ (୨୬) ଦଳର ପାଳିକୁ ଆଗକୁ ନେଇଥିଲେ। ବିଶେଷ କରି ଗିଲ୍ ଆଟାକିଂ ଶଟ୍ ଖେଳି ପ୍ରଥମେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ରୋହିତ ମଧ୍ୟ ପଛରେ ପଡ଼ି ନଥିଲେ। ଉଭୟ ଲଞ୍ଚ୍ ଯାଏ ଇଂଲଣ୍ଡକୁ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଏଥିସହ ନିଜ ନିଜର ଶତକ ମଧ୍ୟ ହାସଲ କରିଥିଲେ। ରୋହିତ ତାଙ୍କ ଟେଷ୍ଟ କ୍ୟାରିୟରର ୧୨ତମ ଶତକ ଓ ଗିଲ୍ ୪ର୍ଥ ଶତକ ହାସଲ କରିବା ପରେ ଲଞ୍ଚ୍ ବ୍ରେକ୍ ହୋଇଥିଲା। ଭାରତ ମଧ୍ୟ ସେତେବେଳକୁ ଲିଡ୍ ହାସଲ କରି ନେଇଥିଲା। ପ୍ରଥମଥର ପାଇଁ ଇଂଲଣ୍ଡ ବିପକ୍ଷ ୫ଟିକିଆ ସିରିଜ୍‌ରେ ପ୍ରଥମ ସେସନ୍‌ରେ ୧୦୦ରୁ ଅଧିକ ରନ ହେବା ସହ କୌଣସି ଓ୍ୱିକେଟ ଯାଇ ନଥିଲା। ସେହିପରି ରୋହିତ ଓ ଗିଲଙ୍କ ମଧ୍ୟରେ ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ୧୦୦ରୁ ଅଧିକ ରନର ଭାଗିଦାରୀ ହୋଇଥିଲା।



ଲଞ୍ଚ ପରେ ଇଂଲଣ୍ଡ କମବ୍ୟାକ୍ କରିଥିଲା। ପ୍ରଥମଥର ପାଇଁ ସିରିଜ୍‌ରେ ବୋଲିଂ କରିବାକୁ ଆସିଥିଲେ ଇଂଲିଶ ଟିମ୍‌ର ଅଧିନାୟକ ବେନ ଷ୍ଟୋକ୍ସ। ସେ ପ୍ରଥମ ବଲରେ ହିଁ ୧୦୩ ରନ କରିଥିବା ରୋହିତ ଶର୍ମାଙ୍କୁ କ୍ଲିନବୋଲ୍ଡ କରି ଦେଇଥିଲେ। ଏଥିସହ ଗିଲ୍‌ଙ୍କ ସହ ତାଙ୍କର ୧୭୧ ରନର ଭାଗିଦାରୀରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ୧୦୩ ରନର ଇନିଂସରେ ରୋହିତ ୧୩ଟି ଚୌକା ଓ ୩ଟି ଛକା ମାରିଛନ୍ତି। ଏହାର କିଛି ସମୟ ପରେ ଜେମ୍ସ ଆଣ୍ଡରସନ ଭଲ ଲୟରେ ଥିବା ଶୁବମନ ଗିଲଙ୍କୁ ବୋଲ୍ଡ କରିଥିଲେ। ଗିଲ୍ ୧୧୦ ରନ କରି ଆଉଟ ହୋଇଛନ୍ତି। ଏହି ଇନିଂସରେ ସେ ୧୨ଟି ଚୌକା ଓ ୫ଟି ଛକା ମାରିଛନ୍ତି। ଲଗାତର ୨ଟି ଓ୍ୱିକେଟ ହାସଲ କରି ଇଂଲଣ୍ଡ କମବ୍ୟାକର ସଙ୍କେତ ଦେଇଥିଲା।

କିନ୍ତୁ ଡେବ୍ୟୁଟାଣ୍ଟ ପାଡିକ୍କଲ ଓ ସର୍ଫରାଜ ନିଜର ଦମ୍ ଦେଖାଇଥିଲେ। ଉଭୟ ଦମ୍‌ଦାର ବ୍ୟାଟିଂ କରିବା ସହ ଇଂଲଣ୍ଡକୁ ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ସର୍ଫରାଜ ୮ଟି ଚୌକା ଓ ଗୋଟିଏ ଛକା ବଳରେ ଚଳିତ ସିରିଜରେ ନିଜର ତୃତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ପାଡିକ୍କଲ ଡେବ୍ୟୁ ମ୍ୟାଚ୍‌ରେ ଅର୍ଦ୍ଧଶତକ ମାରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଦଳୀୟ ସ୍କୋର ୩୭୬ ରନ ଥିବା ବେଳେ ବ୍ୟକ୍ତିଗତ ୫୬ ରନ କରି ଶୋଏବ ବଶିରଙ୍କ ବଲରେ ସର୍ଫରାଜ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ବଶିର ୬୫ ରନ କରିଥିବା ପାଡିକ୍କଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ।

୪ର୍ଥ ମ୍ୟାଚର ହିରୋ ଧ୍ରୁବ ଜୁରେଲ ମାତ୍ର ୧୫ ରନ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ମଧ୍ୟ ୧୫ ରନ କରି ଆଉଟ ହୋଇଥିଲେ। ସେମାନଙ୍କ ଓ୍ୱିକେଟ ଯଥାକ୍ରମେ ବଶିର ଓ ଟମ୍ ହାର୍ଟଲୀ ନେଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ଖାତା ଖୋଲିବା ପୂର୍ବରୁ ହାର୍ଟଲୀଙ୍କ ଦ୍ୱିତୀୟ ଶିକାର ବନିଥିଲେ। ୪୨୮ ରନରେ ୮ମ ଓ୍ୱିକେଟ ଭାରତ ହରାଇଥିଲା। ଲାଗୁଥିଲା ଶୁକ୍ରବାର ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ କିନ୍ତୁ କୁଲଦୀପ ଓ ବୁମରା ନିଜର ଜଲୱା ଦେଖାଇଥିଲେ। ଉଭୟ ଇଂଲିଶ ବୋଲିଂ ଆଟାକକୁ କାଉଣ୍ଟର କରିବା ସହ ଦଳୀୟ ସ୍କୋରକୁ ୪୫୦ ପାର କରାଇଥିଲେ। ଉଭୟ ଷ୍ଟମ୍ପ ଅପସାରଣ ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ସେହିପରି ଭାରତର ସ୍କୋରକୁ ୪୭୩ରେ ପହଞ୍ଚାଇ ଦେଇଛନ୍ତି। ଶନିବାର ଉଭୟ ଏହି ସ୍ଥାନରୁ ପୁଣି ଦଳୀୟ ସ୍କୋରକୁ ଆଗକୁ ନେବାକୁ ଚେଷ୍ଟା କରିବେ।

## ମାଇକେଲ ଭନଙ୍କ ଭବିଷ୍ୟବାଣୀ

# ଅଷ୍ଟ୍ରେଲିଆ ହିଁ ଜିତିବ ଟି-୨୦ ବିଶ୍ୱକପ-୨୦୨୪

**ଲଣ୍ଡନ**

ଟି-୨୦ ବିଶ୍ୱକପ-୨୦୨୪ ଜୁନ୍ ୨ରୁ ଆମେରିକା ଏବଂ ଓ୍ୱେଷ୍ଟଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ମ୍ୟାଚ୍‌ରେ ଆମେରିକା ଏବଂ କାନାଡ଼ା ମୁହାଁମୁହିଁ ହେବେ। ଏବେ କିଏ ଏହି ଟୁର୍ଣ୍ଣାମେଣ୍ଟର ବିଜେତା ହେବ ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଏପରିସ୍ଥଳେ ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ ବଡ଼ ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି ଏହି ଟୁର୍ଣ୍ଣାମେଣ୍ଟର ବିଜେତା ଭାରତ, ପାକିସ୍ତାନ ଅବା ଇଂଲଣ୍ଡ ହେବ ନାହିଁ। ସେ କହିଛନ୍ତି ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ-୨୦୨୪ର ବିଜେତା ହେବ।




ଅଷ୍ଟ୍ରେଲିଆ ୫୦ ଓଭର ଖେଳରେ ବିଶ୍ୱ ଚମ୍ପିୟନ ହୋଇସାରିଛି। ଦଳର ବ୍ୟାଟିଂ ଲାଇନ ଚମତ୍କାର ରହିଛି। ଟି-୨୦ ବିଶ୍ୱକପ-୨୦୨୪ ବିଜେତା ହେବା ପାଇଁ ଯେଉଁ ସବୁ ଆବଶ୍ୟକତା ରହିଛି ତାହା ଅଷ୍ଟ୍ରେଲିଆ ପାଖରେ ରହିଛି ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆ ପାଖରେ ଟି-୨୦ ବିଶ୍ୱକପ ଜିତିବାର କ୍ଷମତା ରହିଛି। ଦଳରେ ଓ୍ୱାର୍ଣ୍ଣର, ମାର୍ଶ, ମାକ୍ସୱେଲ, ଇଂଗ୍ଲିସ୍, ଡେଭିଡ, ଶର୍ଟ ଏବଂ ଡେଙ୍କ ଭଳି ଭଲ ଖେଳାଳି ଅଛନ୍ତି। ଏଭଳି କହିବା ଠିକ୍ ନ ହେଲେ ମଧ୍ୟ ମୁଁ କହିବି ଯେ, ଟି-୨୦ ବିଶ୍ୱକପ-୨୦୨୪ ଜିତିବା ପାଇଁ ଅଷ୍ଟ୍ରେଲିଆ ହିଁ ଆଗରେ ରହିଛି। ଦଳରେ ବୋଲିଂ ଭାରିଏସନ ପ୍ରର୍ଯ୍ୟାପ୍ତ ରହିଛି। ଦଳରେ ପେସ୍ ଏବଂ ସ୍ପିନର ଭଲ ବିକଳ୍ପ ରହିଛି। ସୂଚନାଯୋଗ୍ୟ, ୨୦୨୧ ଟି-୨୦ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ପରାଜିତ କରିଥିଲା। ଅପରପକ୍ଷରେ ୨୦୨୨ରେ ନିଜ ଦେଶରେ ଖେଳାଯାଇଥିବା ଟି-୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ଭଲ ପ୍ରଦର୍ଶନ କରି ନ ଥିଲା। ଦଳ ସେମିଫାଇନାଲ ମଧ୍ୟ ପହଞ୍ଚି ପାରି ନ ଥିଲା।

# ୨୦୨୪ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଲଞ୍ଚ୍ କଲା ନୂଆ ଜର୍ସୀ

**ନୂଆଦିଲ୍ଲୀ**

ଆଇପିଏଲର ସବୁଠୁ ସଫଳ ଫ୍ରାଞ୍ଚାଇଜି ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲର ୧୭ତମ ସଂସ୍କରଣ ପାଇଁ ନୂଆ ଜର୍ସୀ ଲଞ୍ଚ କରିଛି। ଏହି ଜର୍ସି ପ୍ରସିଦ୍ଧ ଡିଜାଇନର ମୋନିଶା ଜୟସିଂହ ଡିଜାଇନ କରିଛନ୍ତି, ଏନେଇ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ସୂଚନା ଦିଆଯାଇଛି। ଆଉ ଫ୍ରାଞ୍ଚାଇଜି ସୂଚନା ଦେଇଛି ଯେ, ୨୦୨୪ ଆଇପିଏଲରେ ଦଳକୁ ସ୍କେଚର୍ସ ଜର୍ସୀ ସ୍ପନ୍ସର କରିବ। ତେବେ ଏଥର ମଧ୍ୟ ଜର୍ସୀର ରଙ୍ଗ ପୂର୍ବ ଭଳି ନୀଳ ରଙ୍ଗ ସହ ଗୋଲ୍ଡର ରଙ୍ଗର ସୂଚନାଥାଉକି, ପୂର୍ବରୁ ଆଡିଡାସ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଜର୍ସୀ ସ୍ପନ୍ସର ରହିଥିଲା। ସୋସିଆଲ ମିଡିଆରେ ମଧ୍ୟ ଜର୍ସୀର ଫଟୋ ସାମ୍ନାକୁ ଆସିଛ। ଜର୍ସୀ ଲଞ୍ଚ କରି ମୁମ୍ବାଇ ଇଣ୍ଡିଆନ୍ସର ପ୍ରବକ୍ତା କହିଛନ୍ତି




ଆମର ଖେଳାଳି ଆମର ଲୋକପ୍ରିୟ ନୀଳ ଏବଂ ଗୋଲ୍ଡେନ ରଙ୍ଗର ଜର୍ସୀ ପିନ୍ଧିଥାନ୍ତି। ଏହି ରଙ୍ଗ ଆମର ମୁମ୍ବାଇ ଇଣ୍ଡିଆନ୍ସ ଟିମ୍‌ର ଆଶା ଏବଂ ସ୍ୱପ୍ନ ସହ ଜଡ଼ିତ ଏହି ଜର୍ସୀ ମୁମ୍ବାଇ ମେରୀ ଜାନ୍‌ର ଭାବନରୁ ପ୍ରେରିତ।




30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ମାର୍ଚ୍ଚ ୨୦୨୪ ଶନିବାର





ଭୁବନେଶ୍ୱର : ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଭଜନ ପରିବେଷଣ । (ଫଟୋ : ସମ୍ବାଦ କଳିକା)

## ଅପହୃତା ନାବାଳିକା ଉଦ୍ଧାର ଅପହରଣକାରୀ ଥାନାରେ ଅଟକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଓଥକା ଗ୍ରାମରୁ ଅପହୃତା ନାବାଳିକାକୁ କଟକରୁ ଉଦ୍ଧାର କରାଯାଇଛି । ଅପହରଣକାରୀକୁ ନିଶ୍ଚିନ୍ତକୋଇଲି ଥାନାରେ ଅଟକ ରଖାଯାଇଛି । ଗତ ୩ ତାରିଖ ରାତ୍ରରେ ଓଥକା ଗ୍ରାମର ଜନୈକା ୧୩ ବର୍ଷିୟା ନା ବାଳିକାକୁ ସେହି ଗ୍ରାମର ବଳରାମ ବେହେରା ଅପହରଣ କରି ନେଇଯାଇଥିବାର ନାବାଳିକାର ମାଆ ନିଶ୍ଚିନ୍ତକୋଇଲି ଥାନାରେ ୪ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ । ନାବାଳିକାର ପରିବାର ଲୋକେ ନାବାଳିକା ଓ ଅପହରଣକାରୀ ଯୁବକକୁ କଟକରୁ ଧରିଆଣି ଥାନା ପୋଲିସ ଜିମା ଦେଇଥିବାର ଜଣାଯାଇଛି ।

## ଖୋର୍ଦ୍ଧା ରୋଡ ମଣ୍ଡଳ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ବ୍ୟାପୀ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ ସଫଳତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ । ସମସ୍ତ ମହିଳା କର୍ମଚାରୀଙ୍କୁ ସମ୍ମାନ ଜଣାଇ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା, ଟ୍ରାଫିକ କଲୋନୀ ରେଲୱେ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, ଅନ୍ୟ ଶାଖା ଅଧିକାରୀଙ୍କ ସହ ଉପସ୍ଥିତ ଥିଲେ । ଏହି ଅବସରରେ ଶୁଭ୍ର ଜ୍ୟୋତି ମଣ୍ଡଳ ସମସ୍ତ ମହିଳାଙ୍କୁ, ବିଭିନ୍ନ କ୍ଷେତ୍ରରେ ତାଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ମହିଳା କର୍ମଚାରୀମାନେ ମଣ୍ଡଳର ଗର୍ବ ବୋଲି ସେ କହିଛନ୍ତି । ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଏକ ଅଂଶ ଭାବେ, ମଣ୍ଡଳର ବିଭିନ୍ନ ବିଭାଗର କାର୍ଯ୍ୟ କରୁଥିବା ୨୨ ଜଣ ସମର୍ପିତ ମହିଳା କର୍ମଚାରୀଙ୍କୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପୁରସ୍କରିତ କରିଥିଲେ । ଏହି ଉତ୍ସବରେ ମହିଳା କର୍ମଚାରୀଙ୍କ ପାଇଁ ଆୟୋଜିତ ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସର ରେ କର୍ମଚାରୀ ଏଂ ଟଙ୍କା ପିଲାମାନେ ଏବଂ ଭରତ ସ୍କାଉଟ୍ସ ଏବଂ ଗାଇଡର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରଆଯାଇଥିଲା । ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ, ଆର.ଏନ.ଏ. ପରିଡ଼ା, ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।





ଭୁବନେଶ୍ୱର : ୟୁନିଟ୍-୬ ରାଧାକୃଷ୍ଣ ମନ୍ଦିରରେ ମହାଶିବରାତ୍ରି ପୂଜା । (ଫଟୋ : ସମ୍ବାଦ କଳିକା)

## ବିଶ୍ୱ ମହିଳା ଦିବସ ସପ୍ତାହ ପାଳନ ଉପଲକ୍ଷେ ପୁଞ୍ଜି ପ୍ରଦାନ କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ବିଶ୍ୱ ମହିଳା ଦିବସ ସପ୍ତାହ ପାଳନ ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ଯାଜପୁର ପୌରପାଳିକା ତରଫରୁ ପ୍ରାରମ୍ଭିକ ପୁଂଜି ପ୍ରଦାନ କାର୍ଯ୍ୟକ୍ରମ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ମିଶନ ଶକ୍ତି ମହିଳା ମାନଙ୍କୁ ଏକ ନୂତନ ପରିଚୟ ପ୍ରଦାନ କରିବାର ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ମହିଳ ।ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଂଜୁଲତା ହୋତା ପୁଂଜିକୁ ଉପଯୁକ୍ତ ମାର୍ଗରେ ଉପଯୋଗ କରି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପୌରାଞ୍ଚଳର ମହିଳା ମାନଙ୍କ ଭିତରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବାର ଯେଉଁ ଆଗ୍ରହ ପରିଲକ୍ଷିତ ହେଉଚ୍ଛି, ତାହାକୁ ଅଧିକରୁ ଅଧିକ ରୂପାନ୍ତରୀ କରିବା ପାଇଁ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଆତ୍ମ ନିଯୁକ୍ତିର ସୁଯୋଗକୁ ବିନିଯୋଗ କରି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ନିର୍ବାହୀ ଅଧିକାରୀ ଅନିଲ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ୭ ଗୋଟି ଏଏଲଏଫ ଅନ୍ତର୍ଗତ ୧୮ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀ କୁ ଗୋଷ୍ଠୀ ପ୍ରତି ୪ ଲକ୍ଷ ଟଙ୍କା ଋଣ ପ୍ରଦାନ ଖାଦ୍ୟ ପ୍ରକ୍ରିୟାକରଣ, କ୍ଷୁଦ୍ର ଶିଳ୍ପ ନିର୍ମାଣ ପ୍ରତିଷ୍ଠା ନିମନ୍ତେ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜ୍ୟୋତିଶିଖା ରଣା ଓ ଶ୍ୱେତା ରାୟ ସଞ୍ଚାଳନ କରିବା ସଂଗେ ସଂଗେ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସହଯୋଗ ଓ ଉପସ୍ଥିତି ନିମନ୍ତେ ସିଟି ମ୍ୟାନେଜର ବିଶ୍ୱ ରଂଜନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ପରିଚାଳକ ଓ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ପ୍ରମୁଖ ଉପସ୍ଥିତ ରହି ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପୁଂଜି ବିନିଯୋଗ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଗ୍ରଣୀ ବ୍ୟାଙ୍କ ପରିଚାଳକଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରାଦାନ ପୂର୍ବକ ସମ୍ମାନିତ କରିଥିଲେ । ଶେଷରେ ଗୋଷ୍ଠୀ ସଙ୍ଗଠିକା ଶୁଭଶ୍ରୀ ପ୍ରିୟଦର୍ଶିନୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶିକ୍ଷକଙ୍କଠାରୁ ଲୁଟିନେଲେ ୩୦ହଜାର ଟଙ୍କା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ରାଣୀପଡା ଗ୍ରାମର ଜଣେ ଶିକ୍ଷକଙ୍କ ଠାରୁ ଲୁଟେରାମାନେ ନଗଦ ୩୦ ହଜାର ଟଙ୍କା ସମେତ ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଲୁଟିନେଇଥିବାର ଅଭିଯୋଗ ହୋଇଛି । ରାଣୀପଡା ଗ୍ରାମର ଅନନ୍ତ କିଶୋର ଭୋଇ ମାହାଙ୍ଗା ବ୍ଲକ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରନ୍ତି । ଆଜି ସକାଳେ ଶ୍ରୀଭୋଇ କୁଆଁପାଳସ୍ଥିତ ୟୁକୋ ବ୍ୟାଙ୍କରୁ ୪୦ ହଜାରଟଙ୍କା ଉଠାଇଥିଲେ । ଏହି ଟଙ୍କା ମଧ୍ୟରୁ ୧୦ହଜାର ଟଙ୍କା ଛାତ୍ର ଛାତ୍ରୀଙ୍କ ବୃତି ବାବଦରେ ବଂଟନ କରିଥିଲେ । ଅବଶିଷ୍ଟ ୩୦ ହଜାର ଟଙ୍କା ଏକ ବ୍ୟାଗରେ ଭର୍ତି କରି ଶ୍ରୀ ଭୋଇ ନିଜ ପୈତୃକ ବାସଭବନ ରାଣୀପଡାକୁ ଆସୁଥିଲେ । ଏହି ସମୟରେ ରାଣୀପଡା ନିକଟରେ ତାଙ୍କୁ ପିଛା କରୁଥିବା ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କ ନିକଟରୁ ଟଙ୍କା ବ୍ୟାଗ ଛଡାଇନେଇ ଦୃତଗତିରେ ପଳାଇ ଯାଇଥିଲେ ।ଏହି ବ୍ୟାଗରେ ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଲୁଟ ହୋଇଥିବାର ଶ୍ରୀଭୋଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ମନ ଦୃଢ ହେଲେ ସ୍ୱର ଦୃଢ ହୁଏ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କର୍ମଜୀବୀ ମହିଳାଙ୍କୁ ଋତୁସ୍ରାବ ସମୟରେ ଗୋଟିଏ ଦିନ ସବେତନ ଛୁଟି ପାଇଁ ରଞ୍ଜିତା ଆରମ୍ଭ କରିଛନ୍ତି ଅଭିଯାନ, ଯେଉଁଥିପାଇଁ ପଞ୍ଚାୟତରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତରରେ ତାଙ୍କୁ ମିଳିଛି ପ୍ରଶଂସା । ଋତୁସ୍ରାବ ମହିଳାଙ୍କ ପାଇଁ ଅଭିଶାପ ନା ସୃଷ୍ଟି ସର୍ଜନା ପାଇଁ ଈଶ୍ୱରୀୟ ଆଶୀର୍ବାଦ ଏହି ପ୍ରଶ୍ନ ବହୁକାଳରୁ ବିତର୍କ ସୃଷ୍ଟି କରିଆସିଛି । ଆଜିର ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ମହିଳାମାନେ ଘରର ଏରୁଣ୍ଡି ଡେଇଁ ଯେତେବେଳେ ପେସାଦାର ଦୁନିଆରେ ପାଦ ଥାପିଛନ୍ତି, ସେତେବେଳେ ଏହି ବିତର୍କର ପରିସୀମା ଆହୁରି ବଢ଼ିଛି । ଗୋଟିଏ ମହଲ ଋତୁସ୍ରାବ ସମୟରେ ମହିଳାଙ୍କୁ ବିଶ୍ରାମ ସପକ୍ଷରେ ଯୁକ୍ତି କରୁଥିବା ବେଳେ ଅନ୍ୟ ଏକ ମହଲ ଏହା ଭିତରେ ସମ୍ମାନବୋଧ ଭଳି ପ୍ରସଙ୍ଗକୁ ଖୋଜିବାକୁ ଚେଷ୍ଟା କରୁଛନ୍ତି । ମହିଳା ସଶକ୍ତିକରଣ ସ୍ଲୋଗାନ୍ ଭିତରେ ହଜିଯାଉଥିବା ଏପରି ସମ୍ବେଦନଶୀଳ ପ୍ରସଙ୍ଗଟିକୁ ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ କେତେଜଣ ବ୍ୟକ୍ତି ନିରନ୍ତର ପ୍ରୟାସ ଜାରି ରଖୁଛନ୍ତି । ସମ୍ମାନବୋଧର ପ୍ରଶ୍ନରୁ ଊର୍ଦ୍ଧ୍ୱରେ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ସେମାନଙ୍କର ସେହି ନିରବଚ୍ଛିନ୍ନ ଉଦ୍ୟମ ଧୀରେ ଧୀରେ ସଫଳ ଅଭିଯାନର ରୂପ ନେଉଛି । ସେଭଳି ଜଣେ ବ୍ୟକ୍ତିତ୍ୱ ହେଲେ ସମ୍ବଲପୁରର ରଞ୍ଜିତା ପ୍ରିୟଦର୍ଶନୀ । ମହିଳାଙ୍କ ମାସିକ ଧର୍ମ ସମୟରେ ଉଭୟ ଘରୋଇ ଏବଂ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ମାସକୁ ଗୋଟିଏ ଦିନ ଛୁଟି ମିଳିବା ଆବଶ୍ୟକ ମନେକରି ରଞ୍ଜିତାଙ୍କ ଦ୍ୱାରା ଆଞ୍ଚଳିକ ସ୍ତରରେ ଆରମ୍ଭ ହୋଇଥିବା ଅଭିଯାନ ଏବେ ରାଜ୍ୟ ଏବଂ ଦେଶ ବାହାରେ ପହଞ୍ଚିଛି । ଛତିଶଗଡ଼ କଳିଙ୍ଗ ବିଶ୍ୱବିଦ୍ୟାଳୟରେ ଏଲ୍ଏଲ୍ଏମ୍ ଅଧ୍ୟୟନ କରୁଥିବା ସମ୍ବଲପୁରର ଓଡ଼ିଆ ଝିଅ ରଞ୍ଜିତା ପ୍ରିୟଦର୍ଶନୀଙ୍କ ଏହି ଅଭିଯାନକୁ ରାଜ୍ୟ, ଦେଶ ଓ ବିଦେଶରେ ପ୍ରଶଂସା ମିଳିଛି । ସୃଷ୍ଟିରେ ସମସ୍ତ ମହିଳାଙ୍କ ଏହି ଅକୁହା କଥାକୁ ସ୍ପଷ୍ଟ ଭାବେ କହି ଅନ୍ୟ ମହିଳାଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ରଞ୍ଜିତା । ବିଟେକ୍ ପାଠ୍ୟକ୍ରମ ଶେଷ କରି ଏଲ୍ଏଲ୍‌ବି ଏବଂ ପରେ ଏଲଏଲଏମ୍ ଶିକ୍ଷା ଗ୍ରହଣ କରି ପେସାଦାର ଜୀବନ ଆରମ୍ଭ କରିଥିଲେ । କିନ୍ତୁ କର୍ମକ୍ଷେତ୍ରରେ ଋତୁସ୍ରାବ ସମୟରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଛୁଟି ମାଗିଥିଲେ; ହେଲେ ତାଙ୍କୁ ନାସ୍ତିବାଣୀ ଶୁଣିବାକୁ ମିଳିଥିଲା । ତାଙ୍କ ଭଳି ଦୁନିଆର ସବୁ କର୍ମଜୀବୀ ମହିଳା ସମାନ କଷ୍ଟ ଅନୁଭବ କରୁଥିବେ ବୋଲି ରଞ୍ଜିତା ଅନୁଭବ କରିଥିଲେ । କିଭଳି ଏହି ସମସ୍ୟାର ସମାଧାନ ହୋଇପାରିବ, ସେଥିପାଇଁ ସେ କର୍ମଜୀବୀ ମହିଳାଙ୍କ ପାଇଁ ଗୋଟିଏ ଦିନ ସବେତନ ଛୁଟି (ପେଡ୍ ପିରିୟଡ୍ ଲିଭ୍) ପାଇଁ ଅଭିଯାନ ଆରମ୍ଭ କରିଥିଲେ । ୨୦୨୨ ମସିହାରେ ସେ ପ୍ରଥମେ ତତ୍କାଳୀନ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ଭେଟି ଏ ବିଷୟରେ ଅବଗତ କରିଥିଲେ । ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ଶ୍ରୀ ସିଂହ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଦେଶର କୋଣ ଅନୁକୋଣରେ ବୁଲି ବୁଲି ବରିଷ୍ଠ ରାଜନେତାଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରୁଛନ୍ତି ରଞ୍ଜିତା । ଏପର୍ଯ୍ୟନ୍ତ ସେ ୧୨ଟି ରାଜ୍ୟ ବୁଲି ସାରିଲେଣି । ରଞ୍ଜିତାଙ୍କ ଏହି ଅଭିଯାନରେ ଅନୁପ୍ରାଣିତ ହୋଇ ଦିଲ୍ଲୀର ୫ଟି, ରାଜସ୍ଥାନର ୨ଟି, ଓଡ଼ିଶାର ୫ଟି, ହରିୟାଣାର ୨ଟି ସଂସ୍ଥା ସମେତ ଅନ୍ୟ ରାଜ୍ୟର ୨୭ଟି ସଂସ୍ଥା ଋତୁସ୍ରାବ ସମୟରେ ମହିଳାମାନଙ୍କୁ ଗୋଟିଏ ଦିନ ସ୍ତରରେ ସବେତନ ଛୁଟି ନୀତି କାର୍ଯ୍ୟକାରୀ କରିଛନ୍ତି । ସଫ୍ଟୱେୟାର କମ୍ପାନୀ, ଅଟୋମୋବାଇଲ, ହୋଟେଲ ଶିଳ୍ପ ଆଦି ସଂସ୍ଥାରେ ଏହି ନିୟମ ଲାଗୁ କରାଯାଇଛି । ରଞ୍ଜିତାଙ୍କ ଦୃଢ ସ୍ୱର ଆଗକୁ ମହିଳାଙ୍କ ପାଇଁ ଆହୁରି ଅନେକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ ବୋଲି ଆଶା କରାଯାଏ ।

## ସବୁ ବିଭାଗର କାର୍ଯ୍ୟ ତଦାରଖ କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

**ବାଲେଶ୍ୱର, ନ୍ୟୁଜ୍**

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (କଟକ) ରଞ୍ଜନ କୁମାର ଦାସ ବାଲେଶ୍ୱର ଜିଲ୍ଲା ଗସ୍ତ କରି ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ମାନଙ୍କର ନିରୀକ୍ଷଣ ତଥା ସମୀକ୍ଷା ବୈଠକ କରିଛନ୍ତି । ଏହି ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଅପରାହ୍ଣ ଘ୩ମି ସମୟରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାପାଳ ଆଶୀଷ ଠାକ୍‌ରେ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ । ଏହି ନିରୀକ୍ଷଣରେ ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିବା ସହିତ ସମସ୍ତ ରାଜସ୍ୱର ସଠିକ ପରିଚାଳନା କାର୍ଯ୍ୟ ବିଷୟରେ କମିଶନର ଶ୍ରୀ ଦାସ ସମସ୍ତ ଅଧିକାରୀଙ୍କ ଠାରୁ ସୂଚନା ଓ ମନ୍ତବ୍ୟ ନେଇଥିଲେ । ସମସ୍ତ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ସଂକ୍ରାନ୍ତୀୟ ରାଜସ୍ୱ ବିଷୟରେ ବିବରଣୀ ନେବା ପରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ହେଉଥିବା ରାଜସ୍ୱ ବିଷୟରେ ସବିଶେଷ ବିବରଣୀ ନେଇଥିଲେ । ତତ୍ ସହିତ ଶ୍ରୀ ଦାସ ରାଜସ୍ୱକୁ ସଠିକ ଭାବେ ବିନିଯୋଗ କରିବା ପାଇଁ ସମସ୍ତ ସରକାରୀ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଜିଲ୍ଲାର ସମସ୍ତ ଅଧିକାରୀ, ଜଳସେଚନ ବିଭାଗୀୟ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ଏବଂ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ସମସ୍ତ ଉନ୍ନତି ମୂଳକ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହିତ ସେ ସମସ୍ତ କାର୍ଯ୍ୟ ଗୁଡିକ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କିପରି ସମାପ୍ତ ହୁଏ ସେ ବିଷୟରେ ତଦାରଖ କରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଶ୍ରୀ ଦାସ ଜିଲ୍ଲାରେ ହୋଇଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସବିଶେଷ ବିବରଣୀ ନେବା ପରେ ଅନେକଗୁଡିଏ କାର୍ଯ୍ୟର ସଠିକ ଅଗ୍ରଗତି ଦେଖି ସନ୍ତୋଷ ପ୍ରକାଶ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟସଭାକୁ ...

ସୁଧାଜୀଙ୍କର ଅବଦାନ ଅତୁଳନୀୟ ଏବଂ ପ୍ରେରଣାଦାୟକ ବୋଲି ସେ ଉଲ୍ଲେଖ କରିଛନ୍ତି । ରାଜ୍ୟସଭାରେ ତାଙ୍କର ଉପସ୍ଥିତି ଆମର ନାରୀ ଶକ୍ତିର ଏକ ଶକ୍ତିଶାଳୀ ନିୟମ, ଯାହା ଆମ ଦେଶର ଭାଗ୍ୟ ଗଠନରେ ମହିଳାଙ୍କ ଶକ୍ତି ଏବଂ ସାମର୍ଥ୍ୟର ଉଦାହରଣ । ତାଙ୍କୁ ଏକ ଫଳପ୍ରଦ ସଂସଦ କାର୍ଯ୍ୟକାଳ କାମନା କରୁଛି ବୋଲି ମୋଦି ତାଙ୍କ ଏକ୍ସ ପୋଷ୍ଟରେ ଲେଖିଛନ୍ତି ।

### ନିଜ ଜାଲରେ...

ଆକ୍ରମ ନିରାପତ୍ତା ପରିଷଦରେ କହିଛନ୍ତି ଯେ ଆଫଗାନ ଆତଙ୍କବାଦୀ ଏବେ ପାକିସ୍ତାନକୁ ଟାର୍ଗେଟ କରି ଅନର୍ଥ ସୃଷ୍ଟି କରୁଛନ୍ତି । ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ଏ କ୍ଷେତ୍ରରେ ପାକିସ୍ତାନକୁ ଯଥୋଚିତ ସହାୟତା କରୁନଥିବାରୁ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ତୁହାକୁ ତୁହା ଆକ୍ରମଣ କରିବାକୁ ସକ୍ଷମ ହେଉଛି । ତାଲିବାନ ସରକାର ପାକିସ୍ତାନର ଖୈବର ପଖତୁନଖ୍ୱାରେ ତେହରିକ-ଏ-ତାଲିବାନର କାୟାବିସ୍ତାର ପାଇଁ ସହାୟତା ଯୋଗାଉଥିବାରୁ ସମଗ୍ର ଅଞ୍ଚଳ ଏବେ ଆତଙ୍କବାଦୀଙ୍କ ନିୟନ୍ତ୍ରଣକୁ ଚାଲିଯିବା ଆଶଙ୍କା ସୃଷ୍ଟି ହୋଇଛି । ଜାତିସଂଘରେ ପାକିସ୍ତାନ ରାଷ୍ଟ୍ରଦୂତ କହିଛନ୍ତି ଯେ ଯଦି ଟିଟିପିକୁ ନିୟନ୍ତ୍ରଣ କରା ନଯାଏ, ତେବେ ଦିନେ ଏହା ବିଶ୍ୱ ଆତଙ୍କବାଦୀ ସଂଗଠନରେ ପରିଣତ ହେବ । ୟୁଏନ୍ଏସସି ସ୍ୱତନ୍ତ୍ର ଅଧିବେଶନରେ ପାକିସ୍ତାନ ରାଷ୍ଟ୍ରଦୂତ କହିଛନ୍ତି, ଗତବର୍ଷ ପାକିସ୍ତାନରେ ୩୦୬ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏଥିରେ ୨୩ଟି ଆତ୍ମଘାତୀ ଆକ୍ରମଣ ରହିଛି । ଆତ୍ମଘାତୀ ଆକ୍ରମଣରେ ୭୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୨୪ ଜଣ ଆହତ ହୋଇଛନ୍ତି । କେବଳ ସେତିକି ନୁହେଁ, ଚଳିତ ବର୍ଷ ଫେବ୍ରୁଆରୀରେ ପାକିସ୍ତାନରେ ମୋଟ ୯୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏଥିରେ ୮୭ ଜଣଙ୍କ ମୃତ୍ୟୁ ହୋଇଥିଲା ।
ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନରେ ୭୮ ପ୍ରତିଶତ ଆତଙ୍କବାଦୀ ଆକ୍ରମଣ ତେହରିକ-ଏ-ତାଲିବାନ ପାକିସ୍ତାନ ଦ୍ୱାରା ହେଉଛି । ଯଦି ଏଭଳି ଆକ୍ରମଣ ଜାରି ରହେ ତେବେ ପାକିସ୍ତାନ ଆଉ ଏକ ବିଭାଜନ ଆଡ଼କୁ ମୁହାଁଇବ । ପାକିସ୍ତାନ ଏବେ ନିଜ ଆତଙ୍କବାଦୀ ସଂଗଠନର ଶିକାର ହେବାପରେ ଜାତିସଂଘରେ ଯେଉଁ ଅସହାୟତା ପ୍ରକାଶ କରିଛି ତାହା ଭାରତର ଯୁକ୍ତିକୁ ଯଥାର୍ଥ ପ୍ରମାଣିତ କରିଛି । ଭାରତ ଉପରେ ଆକ୍ରମଣ ପାଇଁ ଲଗାତାର ଷଡ଼ଯନ୍ତ୍ର କରୁଥିବା ପାକ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନର ସେନା ଓ ଗୁଇନ୍ଦା ବିଭାଗ ସମସ୍ତ ସୁରକ୍ଷା ଓ ପ୍ରୋତ୍ସାହନ ଦେଇଆସୁଥିବା ବେଳେ ଏବେ ପାକିସ୍ତାନ ନିଜେ ଏହାର ଶିକାର ହୋଇଛି ।

### ୨୦୩୧ ସୁଦ୍ଧା...

ରହିପାରେ । ହେଲେ ଆଗାମୀ ଆର୍ଥିକବର୍ଷ ୨୦୨୪-୨୫ରେ ଅଭିବୃଦ୍ଧି ହାର ସାମାନ୍ୟ ହ୍ରାସ ପାଇ ୬.୮ ପ୍ରତିଶତ ରହିପାରେ । କ୍ରିସିଲ ଅନୁଯାୟୀ, ୨୦୨୫ରୁ ୨୦୩୧ ପର୍ଯ୍ୟନ୍ତ ପରବର୍ତ୍ତୀ ୭ଟି ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ପ୍ରଥମେ ୫ ଟ୍ରିଲିୟନ ଡଲାରର ଲକ୍ଷ୍ୟ ଅତିକ୍ରମ କରିବ । ଏହାପରେ ୭ ଟ୍ରିଲିୟନ ଡଲାର ଅର୍ଥନୀତିର ନିକଟତର ହେବ । ସୂଚନା ଥାଉକି ବର୍ତ୍ତମାନ ୩.୬ ଟ୍ରିଲିୟନ ଡଲାରର ଅର୍ଥନୀତିର ଆକାର ସହିତ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ର ହୋଇଥିବା ବେଳେ ୧, ୨, ୩ ଓ ୪ ସ୍ଥାନରେ ଯଥାକ୍ରମେ ଆମେରିକା, ଚୀନ୍, ଜାପାନ ଏବଂ ଜର୍ମାନୀ ରହିଛନ୍ତି । ୨୦୩୧ ପର୍ଯ୍ୟନ୍ତ ଭାରତ ୬.୭ ପ୍ରତିଶତ ହାରରେ ଅଭିବୃଦ୍ଧି କରିବ । ୨୦୩୧ ସୁଦ୍ଧା ଦେଶରେ ଲୋକମାନଙ୍କର ମୁଣ୍ଡପିଛା ଆୟ ୪୫୦୦ ଡଲାର ହୋଇଯିବ । ଫଳରେ ଆମ ଦେଶ ବିଶ୍ୱର ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକର ତାଲିକାରେ ସାମିଲ୍ ହୋଇଯିବ । ବିଶ୍ୱ ବ୍ୟାଙ୍କ ଅନୁଯାୟୀ ମୁଣ୍ଡପିଛା ଆୟ ୧୦୦୦ରୁ ୪୦୦୦ ଡଲାର ରହିଥିବା ଦେଶଗୁଡିକ ନିମ୍ନ ମଧ୍ୟବିତ୍ତ ଆୟ ବର୍ଗରେ ଆସୁଛନ୍ତି । ସେହିପରି ମୁଣ୍ଡପିଛା ୪୦୦୦ରୁ ୧୨୦୦୦ ଡଲାର ଆୟ କରୁଥିବା ଦେଶଗୁଡିକ ମଧ୍ୟବିତ୍ତ ଆୟ ବର୍ଗରେ ରହିଛନ୍ତି ।

### ସଂଶୋଧନ ହେବ...

ସଂଖ୍ୟାରେ ବୃଦ୍ଧି ଘଟୁଛି । ୨୦୨୬ ବେଳକୁ ଓଡ଼ିଶାରେ ବୟସ୍କ ନାଗରିକଙ୍କ ସଂଖ୍ୟା ପ୍ରାୟ ୭୦ ଲକ୍ଷରେ ପହଞ୍ଚିବ । ସମାଜରେ ବରିଷ୍ଠ ନାଗରିକମାନଙ୍କ ଜୀବନଚର୍ଯ୍ୟାରେ ବିଶେଷ ଉନ୍ନତି ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ । ରାଜ୍ୟ ସରକାର ସେମାନଙ୍କ ବିକାଶ, ଭାଗିଦାରୀରେ ଉନ୍ନତି, ସେମାନଙ୍କ ସେବା ଯତ୍ନ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସଫଳ ରୂପାୟନ ଜରୁରୀ । ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସଂଶୋଧିତ ନୀତିରେ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସେଠୀ କହିଛନ୍ତି । ବୈଠକରେ ସମାଜରେ ବୟସ୍କ ଲୋକମାନଙ୍କର ଆର୍ଥିକ ଅନଗ୍ରସରତା ଓ ସମ୍ବେଦନଶୀଳତାର ଦୂରୀକରଣ, ସେମାନଙ୍କ ସ୍ୱାସ୍ଥ୍ୟ ଓ ଶରୀର ଚର୍ଚ୍ଚାରେ ଉନ୍ନତି ସମେତ ନିରାପତ୍ତା, କଲ୍ୟାଣ, ଆନ୍ତଃପିଢିଗତ ସମ୍ପୃକ୍ତି ବୃଦ୍ଧି ଏବଂ ଗୋଷ୍ଠୀ କାର୍ଯ୍ୟକଳାପରେ ସେମାନଙ୍କ ବ୍ୟାପକ ଅଂଶଗ୍ରହଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ୟୁଏନ୍ଏଫପିଏର ଓଡ଼ିଶା ମୁଖ୍ୟ ନଦିମ ନୂର, ବିଭାଗର ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ଆନ୍ତର୍ଜାତିକ ଜନସଂଖ୍ୟା ଅଧ୍ୟୟନ ପ୍ରତିଷ୍ଠାନର ପ୍ରଫେସର ଡ଼ ଟିଭି ଶେଖର, ଅମରକଣ୍ଟକ ସ୍ଥିତ ଇଗ୍ନୋ ପ୍ରଫେସର ଡ଼ ସଞ୍ଜୀବ ବକ୍ସି, ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ଼ ଅସୀମା ସାହୁ, ବାଗ୍‌ଚୀ-ଶ୍ରୀଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ଼ ବିଧୂକଲ୍ୟାଣ ମହାନ୍ତି, ହେଲ୍ପ ଏଜ ଇଣ୍ଡିଆ ଗବେଷଣା ବିଭାଗ ମୁଖ୍ୟ ଅନୁପମା ଦତ୍ତଙ୍କ ସମେତ ରାଜ୍ୟ ବରିଷ୍ଠ ନାଗରିକ ପରାମର୍ଶଦାତା ପରିଷଦର ସଦସ୍ୟବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏସ୍ଏସଇପିଡି ବିଭାଗର ବିଶେଷଜ୍ଞ ଡ଼ ପି.କେ. ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିବରାତ୍ରିରେ...

ଜାଗର ଅବସରରେ ନାଗମୂର୍ତ୍ତି, ଶିବଲିଙ୍ଗ ଏବଂ ଦୁଇଟି ବୃଷଭ ମୂର୍ତ୍ତି ମିଳିଥିବାର ଦେଖିବାକୁ ମହାନଦୀ ପଠାରେ ଲୋକମାନେ ଭିଡ଼ ଲଗାଇଛନ୍ତି । ଲୋକମାନେ କ୍ଷୀର ଢାଳି ପୂଜା ଆରମ୍ଭ କରିଦେଇଛନ୍ତି । ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ପୋଲିସ ପହଞ୍ଚିଥିବା ବେଳେ ଗାଁରେ ଥିବା ମଠରେ ମୂର୍ତ୍ତିସବୁ ରଖିବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି । ଏସବୁ ମୂର୍ତ୍ତି କେଉଁଠାରୁ ଆସିଲା ତାହା ଜଣାପଡ଼ିନାହିଁ ।

### ନିର୍ବାଚନ ଲଢ଼ିବାକୁ ...

ସଭାପତି ଅଧୀର ରଂଜନ ଚୌଧୁରୀ, ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଏବଂ ଦିଲ୍ଲୀ କଂଗ୍ରେସ ସଭାପତି ଅରବିନ୍ଦର ସିଂ ଲଭଲି ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି । ଅନ୍ୟପକ୍ଷରେ କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ କଂଗ୍ରେସ ସରକାର ଗଠନ ପରେ ଅଧିକାଂଶ ବଡ ନେତା କ୍ୟାବିନେଟରେ ଅଛନ୍ତି ଏବଂ ସେମାନେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହୀ ନୁହଁନ୍ତି ।

## ପାଇପ ପାଣିରେ ରୋଗ ବଢୁଥିବା ଅଭିଯୋଗ କଲେ ଗ୍ରାମବାସୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ର ରଣପଡା ଓ ଜଇପୁରା ଗ୍ରାମର ବାସିନ୍ଦା ମାନେ ପିଏଚଡି ବିଭାଗ ପକ୍ଷରୁ ପାଇପ ଯୋଗେ ଯୋଗାଇ ଦିଆଯାଉ ଥିବା ପାନୀୟ ଜଳ ଦୂଷିତ ହୋଇଥିବା କାରଣରୁ ରୋଗ ବ୍ୟାପୁଥିବା ଅଭିଯୋଗ କରିଛନ୍ତି । ଏନେଇ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରି ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବି ଜଣାଇଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ହାଇସ୍କୁଲ ପଡିଆ ଓ କୋର୍ଟ ନିକଟରେ ଥିବା ବୋରିଂ ପଏଣ୍ଟ ରୁ ଏହି ୨ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ତାହା କୌଣସି ଯାଗାରେ ରାସାୟନିକ ପଦାର୍ଥର ସମ୍ପର୍କରେ ଆସି ଦୂଷିତ ହୋଇ ଥିବାରୁ ବିଭିନ୍ନ ପ୍ରକାର ପେଟ ରୋଗ ଓ ଚର୍ମ ରୋଗରେ ଗ୍ରାମାବସୀ ମାନେ ପୀଡିତ ହେଉଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ପ୍ରତିକାର ପାଇଁ ଗ୍ରାମର ସେକ ମୁମତାଜ, ସୟଦ ଇସମାଇଲ, ସେକ ଓବେଦୁଲ୍ଲା, ସେକ ଆୟାଜ, ସେକ ମୁଜାହିଦ ଅଲ୍ଲୀ, ସେକ ଇମତିୟାଜ ପ୍ରମୁଖ ଦାବି କରିଛନ୍ତି ।

## ଫେରାର ଗଞ୍ଜେଇ ମାଫିଆଙ୍କ ସମ୍ପତ୍ତି ବ୍ୟାଜାପ୍ତି ପାଇଁ ନୋଟିସ୍ ଜାରି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଡିଡିଙ୍ଗାପଦର ଗ୍ରାମର ଗଞ୍ଜେଇ ମାଫିଆ ରାଜେନ୍ଦ୍ର ନାଏକଙ୍କୁ ବୌଦ୍ଧ ଜିଲ୍ଲାଜଜ୍ ପଳାତକ ଘୋଷଣା କରିବା ପରେ କୋର୍ଟ ଆଦେଶ ଅନୁସାରେ ଗ୍ରାମରେ ସାର୍ବଜନୀନ ନୋଟିସ୍ ଜାରି କରିଛି ବୌଦ୍ଧ ପୋଲିସ୍ । ବୌଦ୍ଧ ଥାନା ପୋଲିସ ଗ୍ରାମରେ ପହଞ୍ଚିଡାକବାଜି ଯନ୍ତ୍ର ଯୋଗେ ସୂଚନା ଦେବା ସହ ଗ୍ରାମରେ ସାର୍ବଜନୀନ ନୋଟିସ୍ ମାରିଛି । ଆସନ୍ତା ୩୦ ଦିନ ମଧ୍ୟରେ ଅଭିଯୁକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ହାଜର ନ ହେଲେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ବ୍ୟାଜାପ୍ତି କରାଯିବ ବୋଲି ନୋଟିସରେ କୁହାଯାଇଛି।

C-

WATCO

OFFICE OF THE CHIEF EXECUTIVE OFFICER, WATCO.
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax: - +91-674-2391444
E-mail – mail@watcoodisha.in
ceowatcoodisha@gmail.com

INVITATION FOR BID (IFB)
Bid Identification No. WATCO (W) – 52/2023-24 Dtd.04.03.2024

WATCO No. 1599 Date: 04.03.2024

1. Name of the work :
1. Design, Construction, Testing & commissioning of 1no 10.00 lakh Litre capacity RCC ESR (20mtr staging) at Zone I near Konark WATCO office.
2. Design, Construction, Testing & commissioning of 1no 10.00 lakh Litre capacity RCC ESR (20mtr staging) at Zone II near Vivekananda School at Konark.
3. Design, Construction, Testing & commissioning of 1no 10.00 lakh Litre capacity RCC ESR (20mtr staging) at Zone III near Tribeniswar Temple at Konark.
4. Design, Construction, Testing & commissioning of 1no 10.00 lakh Litre capacity RCC ESR (20mtr staging) at Zone IV near Badiabanta MBR at Konark.
5. Design, Drawing, Construction, Testing & commissioning of 40.00 lakh Litre capacity RCC Master Balancing Reservoir with double compartment with piping arrangement .

2. Estimated cost :- (1) Rs.275.20 Lakh, (2) Rs.275.20 Lakh, (3) Rs.275.20 Lakh, (4) Rs.275.20 Lakh, (5) Rs.225.60 Lakh
3. Period of completion : - 09 (Nine) Months
4. Date & time of availability of bid document : - From 11.00 AM Dt.16.03.2024 to 5.00 PM of 02.04.2024 in the portal .
5. Last date / time of receipt of bids in the portal : - 5.00 PM of 02.04.2024.
6. Date & time of opening of technical bids : - 12.30 PM of 03.04.2024.
7. Name and address of the Officer Inviting Bid : - CEO, WATCO
Telefax: - 0674-2391444.
E-Mail: ceowatcoodisha@gmail.com ,mail@watcoodisha.in
md@watcoodisha.in, mailto:eephibbsr@ori.nic.in
8. The bidders have to participate in ONLINE bidding only.

Further details can be seen from the web site www.tendersodisha.gov.in

(CEO)
WATCO

OIPR : 13194/11/0094/2324

OFFICE OF THE GOLAGAONSERVICE COOPERATIVE SOCIETY LTD.
At - Golagaon Po -BhaliadihiPs-SarankulDist.- Nayagarh
Regd.No-126PU Date: 30.06.1949
(under A.R.C.S, Circle,Nayagarh,NayagarhDist-)Nayagarh

ADVERTISEMENT

Advertisement No.: 01 Date.09.03.2024

One post of Secretary of Golagaon PACS Ltd.is to be filled up by way of direct recruitment purely on mark basis. Application forms can be obtained in person from the office of the Golagaon PACS Ltd.,At-Golagaonon payment of Rs.100.00 from Dt. 11.03.2024 to Dt.25.03.2024during 10.00 AM to 1.30 PM (except holidays).The duly filled in application form along with required documents (self attested) as per application form and money receipt should be submitted in the Office of GolagaonPACS Ltd., At-Golagaon Po-Bhaliadihi, Ps - Sarankul, Dist - Nayagarhinpersonan and obtain the acknowledgementreceipt Dt. 11.03.2024 to Dt.25.03.2024(except holidays) during 10.00 AM to 1.30 PM .In no case, application will be received after 1.30 P.M. of Dt.25.03.2024.

ELIGIBILITY AND EDUCATIONAL QUALIFICATION:
1. The candidate must be a permanent resident of the area of operation of GolagaonPACS Ltd.
2. The candidate outside the area of operation of the Society but within the area of the Block/District concerned may apply for the post, but their candidature can only be considered if no eligible candidate is found from the area of operation of the society.
3. The Candidate must be a graduate in any discipline from any recognized university with computer proficiency.
4. Preference / additional points shall be given to the candidate having HDCM /M.A./M.Sc./M.Com./M.C.A./M.B.A./ L.L.M./B.B.A./ B.C.A./ L.L.B./Diploma in Cooperative Management and knowledge in Computer Application from a recognized university/ Institution.

N.B:- No written test or viva voce will be conducted. Selection will be made purely on career mark basis starting from HSC onwards.

AGE: A candidate must not be less than 21 years or more than 32 years of age as on 01.04.2024.The upper age limit shall be 37 years in respect of person belonging to S.C/S.T/O.B.C.including S.E.B.C./Physically Handicapped person/Ex-Serviceman. The upper age limit shall be 45 years in respect of the person employed in any cooperative society (SCS) in an approved post.

SCALE OF PAY : Rs.5200.00 - Rs.20200.00 with Grade pay Rs.1900.00 as well as D.A. and other allowances as admissible subject to capacity to pay of the society as laid down in the order No. 18672 dt. 31.07.2010 of R.C.S. (O), Bhubaneswar.

N.B: (i) An affidavit regarding genuineness of all testimonials /certificates submitted by the candidate must be attached with the application.
(ii) All other service conditions for the post of Secretary are available in the society office.
(iii) The Management reserves all rights to cancel/alter/modify the Advt. at any time without assigning any reason thereof.

By order of the Committee of Management

Sd/-Secretary
Golagaon PACS Ltd.

ଉତ୍କଳ ଦୀପିକା
ଭୁବନେଶ୍ୱର
୦୯ ମାର୍ଚ୍ଚ
ଶନିବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ପେଟିଏମ ୱାଲେଟ୍‌ଧାରୀଙ୍କୁ ଅନ୍ୟ ବ୍ୟାଙ୍କ ସହ ଯୋଡ଼ି ହେବାକୁ ଶକ୍ତିକାନ୍ତଙ୍କ ପରାମର୍ଶ

**ନୂଆଦିଲ୍ଲୀ,୮।୩**

ପେଟିଏମ ପେମେଣ୍ଟ ବ୍ୟାଙ୍କ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟ ଯୋଗୁଁ ୮୦ ରୁ ୮୫ ପ୍ରତିଶତ ପେଟିଏମ ୱାଲେଟ ଗ୍ରାହକ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ବୁଧବାର ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହି କଥା କହିଛନ୍ତି। ଅବଶିଷ୍ଟ ଗ୍ରାହକଙ୍କୁ ସେମାନଙ୍କ ଆପ୍ ଅନ୍ୟ ବ୍ୟାଙ୍କ ସହିତ ଲିଙ୍କ୍ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଜାନୁଆରୀ ୩୧ ରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ପେଟିଏମ ପେମେଣ୍ଟସ ବ୍ୟାଙ୍କ ଲିମିଟେଡ (ପିପିବିଏଲ୍)କୁ କୌଣସି ଗ୍ରାହକଙ୍କ ଆକାଉଣ୍ଟରେ ଜମା, କ୍ରେଡିଟ୍ କାରବାର କିମ୍ବା ଟପ୍ ଅପ୍ ଗ୍ରହଣ କରିବାକୁ ବାରଣ କରିଥିଲା। ବ୍ୟାଙ୍କଗୁଡିକ ସହିତ ଲିଙ୍କ କରିବାର ସମୟସୀମା ମାର୍ଚ୍ଚ ୧୫ ଭାବରେ ସ୍ଥିର କରାଯାଇଛି। ସେ କହିଛନ୍ତି ଯେ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଦିଆଯାଇଥିବା ସମୟ ଯଥେଷ୍ଟ ଏବଂ ଏହାକୁ ଆଗକୁ ବଢ଼ାଇବାର କୌଣସି ଆବଶ୍ୟକତା ନାହିଁ। ଆରବିଆଇର ପଦକ୍ଷେପ ଦ୍ୱାରା ଅଧିକ ସଂଖ୍ୟକ ଗ୍ରାହକଙ୍କର କିଛି ସମସ୍ୟା ହେବ ନାହିଁ। ଅଳ୍ପ ସଂଖ୍ୟକ ଗ୍ରାହକ ଅନ୍ୟ ବ୍ୟାଙ୍କ ସହ ସେମାନଙ୍କର



ୱାଲେଟ ସଂଯୋଗ କରି ପାରିବେ।

ସେ କହିଛନ୍ତି ଯେ ଆରବିଆଇ ଏକ ନିୟନ୍ତ୍ରିତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଯାହା ଏହି ମାମଲାରେ ପିପିବିଏଲ ଅଟେ ଏବଂ ଫିନଟେକ କମ୍ପାନୀଗୁଡିକ ବିରୋଧରେ ଏଥିରେ କିଛି ନାହିଁ। ଏକ ସାକ୍ଷାତ୍‌କାର ସମୟରେ ସେ କହିଛନ୍ତି ଆର୍ଥିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆରବିଆଇ ନୂତନତ୍ୱକୁ ସମର୍ଥନ କରେ। ଆରବିଆଇ ଫିନଟେକକୁ ସମ୍ପୂର୍ଣ୍ଣ ସମର୍ଥନ କରେ ଏବଂ ଏହା ଜାରି ରଖିବ।

# ରାଜସ୍ୱ ସଂଗ୍ରହରେ ଓଡ଼ିଶାର ରେକର୍ଡ

**ଭୁବନେଶ୍ୱର,୮।୩:ନ୍ୟୁଜ୍‌ବ୍ୟୁରୋ**

ବଢୁଛି ସରକାରଙ୍କ ରାଜସ୍ୱ। ଗତବର୍ଷ ଅପେକ୍ଷା ଏଥର ଫେବୃଆରୀ ମାସ ସୁଦ୍ଧା ସାମଗ୍ରିକ ଭାବେ ୨୩ ପ୍ରତିଶତ ବୃଦ୍ଧି ପାଇଛି ରାଜସ୍ୱ। ଅନ୍ତର୍ଜାତୀୟ ସ୍ତରରେ ଖଣି କାରବାରରେ ମାନ୍ଦାବସ୍ଥା ସତ୍ତ୍ୱେ ଗତବର୍ଷ ଅପେକ୍ଷା ଖଣି ରାଜସ୍ୱରେ ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ହୋଇଛି। ଜମିଜମା ରାଜସ୍ୱରେ ସର୍ବାଧିକ ବୃଦ୍ଧି ଘଟିଛି। ଗତବର୍ଷ ଅପେକ୍ଷା ଏଥର ୭୨ ପ୍ରତିଶତ ବଢିଛି। ନିଜସ୍ୱ ଟିକସ ଓ ଅଣ ଟିକସ ଉତ୍ସରୁ ମଧ ରାଜସ୍ୱ ସଂଗ୍ରହ ବୃଦ୍ଧି ହେବା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି। ରାଜସ୍ୱ ବଳକା ରାଜ୍ୟ ଭାବେ ପରିଚିତ ଓଡ଼ିଶା ଆର୍ଥିକ ପରିଚାଳନାରେ ମଧ ସାରା ଦେଶ ପାଇଁ ମଡେଲ ସାଜିଛି।

ଗତବର୍ଷ ୭୮,୮୩୪.୪୮ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବା ବେଳେ ଫେବୃୟାରୀ ୨୦୨୪ ଶେଷ ପର୍ଯ୍ୟନ୍ତ ରାଜ୍ୟ ସରକାର ୯୪,୦୦୩.୧୫ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ ମଧ ୧୮.୬୬ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ଗତମାସ ଶେଷ ପର୍ଯ୍ୟନ୍ତ ମୋଟ ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ ୪୭,୮୮୪.୩୬ କୋଟି ଟଙ୍କା ହୋଇଥିବାବେଳେ ଗତବର୍ଷ ୪୦,୩୫୫.୮୫ କୋଟି ଟଙ୍କା ସଂଗ୍ରହ କରିଛି। ଏପ୍ରିଲ ୨୦୨୩ରୁ ଫେବୃୟାରୀ ୨୦୨୪ ମଧ୍ୟରେ ରାଜ୍ୟରେ ଜିଏସ୍‌ଟି ଜମି ରାଜସ୍ୱ, ଯାନବାହନ ଟ୍ୟାକ୍ସ ଏବଂ ବିଦ୍ୟୁତ ଶୁଳ୍କ ସଂଗ୍ରହରେ ବୃଦ୍ଧି ହେତୁ ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହରେ ଅଭିବୃଦ୍ଧି ଘଟିଛି।

ଫେବୃୟାରୀ ୨୦୨୪ ପର୍ଯ୍ୟନ୍ତ



ଜମି ରାଜସ୍ୱ ୭୨.୨୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିକ୍ରୟ କର ୨୦.୭୧ ପ୍ରତିଶତ ବୃଦ୍ଧି ପାଇଛି। ଖଣି ରାଜସ୍ୱ ବୃଦ୍ଧି ହେତୁ ରାଜ୍ୟର ଅଣ-ଟିକସ ରାଜସ୍ୱ ସଂଗ୍ରହରେ ୧୯.୮୬ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ ହୋଇଛି। ଫେବୃୟାରୀ ଶେଷ ପର୍ଯ୍ୟନ୍ତ ମୋଟ ଅଣ-ଟିକସ ରାଜସ୍ୱ ସଂଗ୍ରହ ୪୬,୧୧୮.୭୯ କୋଟି ଟଙ୍କା ଥିବାବେଳେ ଗତବର୍ଷ ଏହା ୩୮,୪୭୮.୬୨ କୋଟି ଟଙ୍କା ଥିଲା। ପ୍ରତିକୂଳ ବଜାର ସତ୍ତ୍ୱେ ଖଣି ରାଜସ୍ୱ ସଂଗ୍ରହରେ ୧୫.୨୫ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଗତବର୍ଷ ୩୩,୯୩୬.୬୬ କୋଟି ଟଙ୍କା ସଂଗ୍ରହ ତୁଳନାରେ ଚଳିତବର୍ଷ ଖଣିରୁ ରାଜ୍ୟ ୩୯,୧୧୧.୯୯ କୋଟି ଟଙ୍କା ସଂଗ୍ରହ ହୋଇଛି। ଫେବୃୟାରୀ ୨୦୨୪ ଶେଷ ପର୍ଯ୍ୟନ୍ତ ସେୟାର ଟ୍ୟାକ୍ସ ହେଉଛି ୪୬,୭୯୩.୮୬ କୋଟି ଟଙ୍କା ଯାହା ପୂର୍ବ ବର୍ଷର ସମାନ ଅବଧିରେ ୨୭.୮୯ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ଫେବୃଆରୀ ପର୍ଯ୍ୟନ୍ତ ସମସ୍ତ ଉତ୍ସରୁ ମୋଟ ରାଜସ୍ୱ ରସିଦ ୧ ଲକ୍ଷ ୫୯ ହଜାର ୮୨୧ କୋଟି ଥିବା ବେଳେ ଗତବର୍ଷ ୧ ଲକ୍ଷ ୨୯ ହଜାର ୪୯୦ କୋଟି ଟଙ୍କା ଥିଲା, ଯାହା ୨୩. ୪୨ ପ୍ରତିଶତ ଅଧିକ।

## ୨୦୨୪ ନିର୍ବାଚନରେ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

# ୪୦% ଦିବ୍ୟାଙ୍ଗ ଭୋଟର ଘରୁ କରିପାରିବେ ମତଦାନ

**ଭୁବନେଶ୍ୱର,୮।୩:ନ୍ୟୁଜ୍‌ବ୍ୟୁରୋ**

ଦେଶରେ ଆସନ୍ତା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପ୍ରକ୍ରିୟାରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ (୮୫ ବର୍ଷରୁ ଉର୍ଦ୍ଧ୍ୱ) ଭୋଟରଙ୍କ ମତଦାନ ବଢ଼ାଇବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏନେଇ ଗୁରୁବାର ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅଭାସୀ ବୈଠକ ମାଧ୍ୟମରେ ସମସ୍ତ ରାଜ୍ୟର ପ୍ରସ୍ତୁତି ବିଷୟରେ ସମୀକ୍ଷା କରାଯାଇଛି। ସୂଚନା ଅନୁଯାୟୀ, ଏଥର ୫, ୧୬, ୩୩୦ ଜଣ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ଏହା ସହ ଅଧିକରୁ ଅଧିକ ସଂଖ୍ୟକ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରି ଇ-ରୋଲରେ ଚିହ୍ନିତ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ସକ୍ଷମ ମୋବାଇଲ ଆପ୍ଲିକେସନରେ ଏହି ଚିହ୍ନଟ ପ୍ରକ୍ରିୟା କରାଯାଇ ପାରିବ। ଏହାସହ ଭୋଟର ତାଲିକାରେ ଚିହ୍ନିତ ହୋଇଥିବା ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ରହିଥିବା ଭୋଟର ନିଜେ ଘରୁ ମତଦାନ କରିବା ପାଇଁ ରିଟର୍ଣ୍ଣିଂ ଅଫିସରଙ୍କଠାରେ ଆବେଦନ କରିପାରିବେ। ସମସ୍ତ ବୁଥରେ ବିନା ଅସୁବିଧାରେ ହ୍ୱିଲ ଚେୟାର ଯାତାୟାତ କରିବା ପାଇଁ ରେଲିଙ୍ଗର ବ୍ୟବସ୍ଥା ମଧ ରହିବ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଭୋଟରଙ୍କ ବିଭିନ୍ନ ଅଭିଯୋଗର ସମାଧାନ ପାଇଁ ଜିଲ୍ଲା ସ୍ତରରେ ଏକ ହେଲ୍‌ପଲାଇନ ମଧ କାର୍ଯ୍ୟ କରିବ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଭୋଟରମାନେ ମତଦାନ କେନ୍ଦ୍ରକୁ ଆସିବାରେ ଯେମିତି କୌଣସି ବାଧା ନ ଉପୁଜିବ ସେଥିପ୍ରତି ସମସ୍ତ ବ୍ୟବସ୍ଥା କରିବାକୁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ବିଡିଏରେ ମିଶିଥିବା ୩୫୧ ଗାଁର ବିକାଶ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ

**ଭୁବନେଶ୍ୱର,୮।୩:ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧିନକୁ ଆସିଥିବା ପାର୍ଶ୍ୱବର୍ତ୍ତୀ ୩୫୧ ଗାଁର ବିକାଶ ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ମାଷ୍ଟର ପ୍ଲାନକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ କିଛିଦିନ ତଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳକୁ ସମ୍ପ୍ରସାରଣ କରାଯାଇଥିଲା। ଆଖପାଖର ମୋଟ ୩୫୧ ରାଜସ୍ୱ ଗ୍ରାମକୁ ବିଡିଏରେ ସାମିଲ କରାଯାଇଥିଲା। ଏହାପରେ ଏହି ଅଞ୍ଚଳର ବିକାଶ ପାଇଁ ବିଡିଏ ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ମାଷ୍ଟରପ୍ଲାନକୁ ନେଇ ଏକ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଯାହାକୁ ଖୁବ୍‌ଶୀଘ୍ର ଲୋକଙ୍କ ପାଇଁ ସାର୍ବଜନୀନ କରାଯିବ। ବିଡିଏ ୱେବ୍‌ସାଇଟ୍‌ରେ ଏହି ରିପୋର୍ଟ ପ୍ରକାଶ ପାଇବ। ମାଷ୍ଟରପ୍ଲାନ୍ ଉପରେ ଲୋକଙ୍କ ମତାମତ ସଂଗ୍ରହ କରାଯିବ। ଏଥିରେ ଲୋକେ ନିଜର ମତାମତ ଦେବେ। ସମସ୍ତ ମତାମତ ଗ୍ରହଣ କରିବା ପରେ ମାଷ୍ଟରପ୍ଲାନର ଅନ୍ତିମ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳରେ ୫୨୫ ରାଜସ୍ୱ ଗ୍ରାମ ରହିଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର, ଜଟଣୀ, ଚନ୍ଦକା, ଖୋର୍ଦ୍ଧା, ବାଲିଅନ୍ତା ପ୍ରଭୃତି ବ୍ଲକ୍ ଓ ପିପିଲି ଏନଏସିର ୩୫୧ ଗ୍ରାମକୁ ଏଥିରେ ସାମିଲ କରାଯାଇଛି। ଯାହା ମୋଟ୍ ୧୭୦୮୩୦.୨୭୪ ଏକର ଅଞ୍ଚଳରେ ଅବସ୍ଥିତ ଥିଲା ବେଳେ ୬୯୧.୩୨୬୧ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରାଯିବ। ରେସିଡ଼େନ୍‌ସିଆଲ ଅଞ୍ଚଳ, ବ୍ୟବସାୟିକ ପ୍ରତିଷ୍ଠାନ, ଶିଳ୍ପାଞ୍ଚଳ, ଜଙ୍ଗଲ, ପାର୍କ, ଶିକ୍ଷାନୁଷ୍ଠାନଗୁଡ଼ିକୁ କେଉଁ ଜୋନ୍‌ରେ କିଭଳି ଅବସ୍ଥାପିତ କରାଯିବ ତାହାର ରୂପରେଖ ପ୍ରସ୍ତୁତ ହୋଇଛି। ସେହିପରି କେଉଁ ସ୍ଥାନରେ ରାସ୍ତା ତିଆରି କରାଯିବ। କେଉଁ ସ୍ଥାନରେ ରିଙ୍ଗ୍‌ରୋଡ୍, ଡ୍ରେନ୍ ପ୍ରଭୃତି ନିର୍ମାଣ କରାଯିବ ଏନେଇ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ବିଡିଏକୁ କୁହାଯାଇଥିଲା। ବିଡିଏର ପ୍ଲାନିଂ ବିଭାଗ ପକ୍ଷରୁ ଦୀର୍ଘଦିନ ହେବ ଏହାକୁ ପ୍ରସ୍ତୁତ କରାଯାଇଥିଲା। ସାଟେଲାଇଟ୍ ମାଧ୍ୟମରେ ସର୍ଭେ କରାଯାଇ ଏହି ଅଞ୍ଚଳଗୁଡ଼ିକର ମ୍ୟାପିଂ କରାଯାଇଥିଲା। ଏହାକୁ ନେଇ ଏକ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରାଯାଇଛି। ଏହି ଅଞ୍ଚଳରେ ସହର ସମ୍ପ୍ରସାରଣ ସହ ସହରାଞ୍ଚଳ ବିକାଶ ସମ୍ପର୍କରେ ଉଲ୍ଲେଖ ରହିଛି।

# ଜାହାଜ କର୍ମଚାରୀଙ୍କ ଜୀବନ ବଞ୍ଚାଇଲେ ସର୍ଜନ କମାଣ୍ଡର ଅନନ୍ୟା

**ବାରିପଦା,୮।୩:ନ୍ୟୁଜ୍‌ବ୍ୟୁରୋ**

ସଂପ୍ରତି ଇସ୍ରାଏଲର ଗାଜା ଆକ୍ରମଣ ହେତୁ ଲୋହିତ ସାଗରରେ ଭୟଙ୍କର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । କିନ୍ତୁ ଏହି ଲୋହିତ ସାଗର ପଥ ଦେଇ ବିଶ୍ୱର ଅଧିକାଂଶ ଦେଶର ତୈଳବାହୀ ଜାହାଜ ସମେତ ଅନ୍ୟାନ୍ୟ ପଣ୍ୟବାହୀ ଜାହାଜ ଯାତାୟତ କରିଥାଏ। ଏହି ପଥ ଦେଇ ଭାରତର ପଣ୍ୟବାହୀ ଜାହାଜ ସବୁ ମଧ ଯାତାୟାତ କରିଥାଏ । ଏହି ଜାହାଜ ସବୁକୁ ସୁରକ୍ଷା ଦେବାପାଇଁ ଭାରତୀୟ ନୌବାହିନୀ ସେ ଅଞ୍ଚଳରେ ଅନେକ ଦିନରୁ ପଇଁତରା ମାରୁଛନ୍ତି। ଗତ ୬ ତାରିଖ ଦିନ ସିରିଆର ହାଇତି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା। ତାଇୱାନର ଏକ ପଣ୍ୟବାହୀ ଜାହାଜ ଟ୍ରୁ କନଫିଡେନସ। ଏହି ଜାହାଜରେ ୨୧ ଜଣ ନୌ କର୍ମଚାରୀ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ ଥିଲେ। କ୍ଷେପଣାସ୍ତ୍ର ମାଡ଼ରେ ଜଣେ ନାବିକର ମୃତ୍ୟୁ ହେବା ସହ ବାକି ଅନ୍ୟମାନେ ସାଂଘାତିକ ଭାବରେ ଆହତ ହୋଇଥିଲେ। ସେମାନଙ୍କୁ ଭାରତୀୟ ନୌସେନାର ଏକ ଯୁଦ୍ଧତରୀ ଉଦ୍ଧାର କରିଥିଲା । ସେହି ଜାହାଜର ଏକମାତ୍ର ଡାକ୍ତର ଭାବରେ ନିଯୁକ୍ତ ଥିଲେ। ବାରିପଦାର ଝିଅ ସର୍ଜନ କମାଣ୍ଡର ଅନନ୍ୟା ଦଳବେହେରା ଜଣେ ମାତ୍ର ଡାକ୍ତରୀ ସହାୟକଙ୍କ ସହଯୋଗରେ ଅନନ୍ୟା ରାତି ତମାମ ଚିକିତ୍ସା କରି ସମସ୍ତ ଆହତଙ୍କୁ ବଞ୍ଚାଇ ପାରିଛନ୍ତି। ବଡ କଥା ହେଲା ଆହତଙ୍କ ମଧ୍ୟରୁ ତିନି ଜଣ ଅତି ସାଂଘାତିକ ଥିଲେ, ଯେଉଁମାନଙ୍କ ବଞ୍ଚିବା ଆଶା କମ ଥିଲା । ସେମାନଙ୍କୁ ବଞ୍ଚାଇ ପାରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଉଛି । ଅଳ୍ପ ବୟସରେ ଏତେ ବଡ଼ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିବାରୁ ସେ ମଧ ଆତ୍ମତୃପ୍ତି ଲାଭ କରିଛନ୍ତି ବୋଲି ତାଙ୍କ ପିତା ବିଶିଷ୍ଟ ସାହିତ୍ୟିକ ମନୋଜ ଦଳବେହେରା ପ୍ରକାଶ କରନ୍ତି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ପ୍ରସାଦ ହେଲେ କଂଗ୍ରେସ ନିର୍ବାଚନ ପରିଚାଳନା ଆବାହକ



**ଭୁବନେଶ୍ୱର,୮।୩:ନ୍ୟୁଜ୍‌ବ୍ୟୁରୋ**

୨୦୨୪ ନିର୍ବାଚନ ପୂର୍ବରୁ ଏଆଇସିସି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ଦେଇଛି। ତାଙ୍କୁ ରାଜ୍ୟ କଂଗ୍ରେସ ନିର୍ବାଚନ ପରିଚାଳନା ଆବାହକ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରସାଦ ହରିଚନ୍ଦନ ମିଡ଼ିଆ ସହିତ ସମନ୍ୱୟ ଓ ଯୋଗାଯୋଗ, ସୋସିଆଲ ମିଡ଼ିଆ, ୱାର୍ ରୁମ୍, ପ୍ରଗମନ ଓ ରାଜନୀତିକ କାର୍ଯ୍ୟକ୍ରମ କଥା ବୁଝାବୁଝି କରିବେ। ପ୍ରକାଶ ଯେ କଂଗ୍ରେସ ଟିକେଟରେ ପ୍ରସାଦ ହରିଚନ୍ଦନ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପୁରୀ ସତ୍ୟବାଦୀ ବିଧାନସଭା ଆସନରୁ ସେ ୧୯୯୫, ୨୦୦୦ ଓ ୨୦୦୯ରେ ବିଜୟୀ ହୋଇଥିଲେ।

# ବିଲରେ ପାଣି ମଡାଉଥିବା ବେଳେ ଟାଣିନେଲା କୁମ୍ଭୀର

**ରାଜନଗର,୮।୩:ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ଦକ୍ଷିଣଭେଡ଼ା ଗାଁରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଡ଼ଭାଇ ନିର୍ମଳ ମଳିକଙ୍କ ଆଗରେ ସାନଭାଇ ନିମାଇଁ ମଳିକକୁ ଟାଣିନେଇଛି କୁମ୍ଭୀର। ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢ଼େ ୯ଟା ବେଳେ ଦୁଇ ଭାଇ ନିର୍ମଳ ଓ ନିମାଇଁ ବ୍ରାହ୍ମଣୀ ନଦୀ ପାଖରେ ଥିବା ନାଳରୁ ଗରାରେ ପାଣି ନେଇ ପରିବା କ୍ଷେତରେ ଦେଉଥିଲେ। ଏହି ସମୟରେ ଏକ କୁମ୍ଭୀର ହଠାତ ସାନଭାଇ ନିମାଇଁ ମଳିକକୁ ଟାଣିନେଇଥିଲା। ସେ ନିମାଇଁକୁ କୁମ୍ଭୀର କବଳରୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ ବି ଅସଫଳ ହୋଇଥିଲେ।

# ଓଲଟିଲା ବରଯାତ୍ରୀ ଗାଡ଼ି : ୩ ମୃତ ଓ ୧୪ ଆହତ

**ସୁନ୍ଦରଗଡ଼,୮।୩:ନ୍ୟୁଜ୍‌ବ୍ୟୁରୋ**

ବରଯାତ୍ରୀ ଗାଡ଼ି ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଲାଠିକଟା ଥାନା ଅନ୍ତର୍ଗତ ଆମଝରଣ ନିକଟରେ ବରଯାତ୍ରୀଙ୍କୁ ନେଇ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ଓଲଟି ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଦୁର୍ଘଟଣାରେ ୧୪ ବରଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ରାଉରକେଲା ସ୍ଥିତ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ଝାଡ଼ଖଣ୍ଡ ବାନପୋଷାଇତା ଗାଁରୁ ୨୦ ବରଯାତ୍ରୀଙ୍କୁ ନେଇ ଆସୁଥିଲା ଏହି ପିକଅପ୍ ଭ୍ୟାନ। ଗାଡ଼ିରେ ବରଯାତ୍ରୀ ନେଇ ସୁନ୍ଦରଗଡ଼ ଜିଲ୍ଲାର ଅଟାଘାଟ ଗାଁକୁ ଆସୁଥିଲେ। ତେବେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନଟି ଓଲଟି ପଡିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନା ପାଇବା ପରେ ଲାଠିକଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।





## ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।
**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋତ୍ସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)


# ଦୁଇ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କଲା ଏସଟିଏଫ୍ : ୧୦ କେଜିରୁ ଉର୍ଦ୍ଧ୍ୱ ଅଫିମ ଜବତ



**ଭୁବନେଶ୍ୱର,୮।୩:ନ୍ୟୁଜ୍‌ବ୍ୟୁରୋ**

ବେଆଇନ ଅଫିମ ଚାଲାଣ ବେଳେ ଦୁଇ ଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି ଏସଟିଏଫ। ଗିରଫ ଅଭିଯୁକ୍ତ ହେଲେ ଝାଡଖଣ୍ଡର ବିଟୁ ସିଂହ ମୁଣ୍ଡା (୪୬) ଓ ରୋହିତ ମୁଣ୍ଡା (୪୯)।

ସୂଚନା ଅନୁଯାୟୀ, ଏହି ଦୁଇ ଅଭିଯୁକ୍ତ ଓ ସେମାନଙ୍କର ଅନ୍ୟ କିଛି ସାଥୀ ରାଜସ୍ଥାନରୁ ଅଫିମ ସଂଗ୍ରହ କରି ସୁନ୍ଦରଗଡ଼, ରାଉରକେଲା ଓ ଝାଡଖଣ୍ଡକୁ ଚାଲାଣ କରୁଥିଲେ। ତେବେ ଏହି ଚାଲାଣ ବେଳେ ଦୁଇ ଜଣ ଗିରଫ ହୋଇଥିବାବେଳେ ସେମାନଙ୍କ ଅନ୍ୟ ସାଥୀମାନେ ଗିରଫ ହୋଇନାହାନ୍ତି। ସେମାନଙ୍କୁ ଧରିବାକୁ ତଦନ୍ତ ଚଳାଇଛି ଏସଟିଏଫ।

ଏହି ଅଫିମରୁ କେବଳ ଯେ, ବ୍ରାଉନସୁଗାର ଓ ହେରୋଇନ ପ୍ରସ୍ତୁତ ହୁଏ ତାହା ନୁହେଁ, ଏଥିରୁ ଔଷଧ ମଧ ପ୍ରସ୍ତୁତ ହୁଏ। ଆଉ ଏହି ଔଷଧ ପ୍ରସ୍ତୁତ କରିବା ପାଇଁ ଦେଶର ମଧ ପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ଅଫିମକୁ ଆଇନତଃ ଚାଷ କରାଯାଉଛି। ତେଣୁ ଉକ୍ତ କୌଣସି ସ୍ଥାନରୁ ଏହି ଜବତ ଅଫିମକୁ ବେଆଇନ ଭାବେ ଚାଲାଣ କରାଯାଇଥିବା ସନ୍ଦେହ କରୁଛି ଏସଟିଏଫ। ଏନେଇ ଅଧିକ ତଦନ୍ତ ଆରମ୍ଭ କରିଛି ଟିମ୍।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଏମିସନ ଆନାଲିଟିକ୍ସ ରିପୋର୍ଟ : ଇଭିରୁ ହେଉଛି ଅଧିକ ପ୍ରଦୂଷଣ !

**ନୂଆଦିଲ୍ଲୀ,୮।୩**

ଜଳବାୟୁରେ ହେଉଥିବା ପରିବର୍ତ୍ତନ ପାଇଁ ବର୍ତ୍ତମାନ ସାରା ଦୁନିଆରେ ଲୋକଙ୍କ ଚିନ୍ତା ବଢୁଛି। ପରିବେଶ ଅନୁକୂଳ ପରିବହନ ବିକଳ୍ପ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି, ଯାହାର ଫଳସ୍ୱରୂପ ସାରା ବିଶ୍ୱରେ ସମ୍ପ୍ରତି ଇଲେକ୍ଟ୍ରିକ ଭେହିକଲ (ଇଭି)ର ଚାହିଦା ବଢ଼ିବାରେ ଲାଗିଛି। ସରକାର ଇଭି ଶିଳ୍ପକୁ ପ୍ରାଧାନ୍ୟ ଦେଉଛନ୍ତି। ପେଟ୍ରୋଲ ଏବଂ ଡିଜେଲ କାର୍ ଅପେକ୍ଷା ଇଭି ପରିବେଶ ପାଇଁ ଭଲ। କାରଣ ଏହା କମ୍ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ କରିଥାଏ। ହେଲେ ବର୍ତ୍ତମାନର ଏକ ଗବେଷଣାକାରୀ ରିପୋର୍ଟରେ ଇଭିକୁ ନେଇ ଅନେକ ପ୍ରଶ୍ନ ଉଠିଛି। ପାରମ୍ପରିକ ପେଟ୍ରୋଲ ଓ ଡିଜେଲ ଯାନ ତୁଳନାରେ ଇଭିର ପ୍ରଦୂଷଣ ମାତ୍ରା ବହୁ ଅଧିକ ବୋଲି ଏକ ସଦ୍ୟ ଗବେଷଣା ରିପୋର୍ଟରୁ



ଜଣାପଡିଛି। ପେଟ୍ରୋଲ ଓ ଡିଜେଲ ଗାଡ଼ି ତୁଳନାରେ ଇଭିର ପ୍ରଦୂଷଣମାତ୍ରା ବହୁ ଗୁଣ ଅଧିକ ବୋଲି ଏମିସନ ଆନାଲିଟିକ୍ସ ରିପୋର୍ଟରେ ଏହା ଦର୍ଶାଯାଇଛି। ଆହୁରିମଧ ପାରମ୍ପରିକ ପେଟ୍ରୋଲ, ଡିଜେଲ ଗାଡ଼ି ତୁଳନାରେ ଏଗୁଡିକ ୧୮୫୦ ଗୁଣ ଅଧିକ ପ୍ରଦୂଷଣ ସୃଷ୍ଟି କରିଥାନ୍ତି।

ଏମିସନ ଆନାଲିଟିକ୍ସ ରିପୋର୍ଟ ଅନୁଯାୟୀ, ଇଭି ଓ ଗ୍ୟାସୋଲିନ ଚାଳିତ କାର୍‌ଗୁଡିକର ବ୍ରେକ୍ ଓ ଟାୟାରରୁ ବାହାରୁଥିବା କଣିକା ପ୍ରଦୂଷଣ ଲାଗି ଅଧିକ ସହାୟକ ହେଉଛି। ଇଭି ଓ ଗ୍ୟାସୋଲିନ୍ ଚାଳିତ କାର୍‌ର ଓଜନ ବହୁତ ଅଧିକ ହୋଇଥିବାରୁ ଏହାର ବ୍ରେକ୍ ଓ ଟାୟାରରୁ ଅଧିକ କଣିକା ନିର୍ଗତ ହୋଇଥାଏ, ଯାହାକି ପେଟ୍ରୋଲ ଓ ଡିଜେଲ ଚାଳିତ ଯାନର ପ୍ରଦୂଷଣ କଣିକାଠାରୁ ୧୮୫୦ ଗୁଣ ଅଧିକ। ଟାୟାରରୁ ବାହାରୁଥିବା ରାସାୟନିକ ପଦାର୍ଥ ବାୟୁମଣ୍ଡଳକୁ ଅଧିକ କ୍ଷତି ପହଞ୍ଚାଇଥାଏ। ସାଧାରଣତଃ ଇଭିଗୁଡିକର ଟାୟାର ସିନ୍ଥେଟିକ ରବରରୁ ପ୍ରସ୍ତୁତ ଯାହାକି ଅଶୋଧିତ ତୈଳରୁ ରାସାୟନିକ ପ୍ରକ୍ରିୟାରୁ ତିଆରି ହୋଇଥାଏ। ଏହାଛଡ଼ା ପାରମ୍ପରିକ ଗ୍ୟାସୋଲିନ ଇଞ୍ଜିନ ତୁଳନାରେ ଇଭିର ଇଞ୍ଜିନ ଅଧିକ ଓଜନ ହୋଇଥିବାରୁ ଏଥିରେ ଅଧିକ ବ୍ରେକ୍ ବ୍ୟବହାର ହୋଇଥାଏ। ଅଧ୍ୟୟନ ଅନୁଯାୟୀ, ଏକ ଆଧୁନିକ ପେଟ୍ରୋଲ କାର୍‌ରୁ ନିର୍ଗତ ନିର୍ଗମନଠାରୁ ଅଧା ଟନ୍ ବ୍ୟାଟେରୀ ଥିବା ବୈଦ୍ୟୁତିକ କାର୍‌ରୁ ଟାୟାର ପରିଧାନ ନିର୍ଗମନ ୪୦୦ ଗୁଣ ଅଧିକ ହୋଇପାରେ। ୨୦୩୦ ସୁଦ୍ଧା ଆମେରିକା, କାନାଡା ଏବଂ ୟୁରୋପୀୟ ସହରଗୁଡିକରେ ଶତପ୍ରତିଶତ ଯାତ୍ରା ବୈଦ୍ୟୁତିକ ଯାନ ଜରିଆରେ କରିବାକୁ ଓବେର ଲକ୍ଷ୍ୟ ରଖିଛି।

# ପୁଣି ଖୋଲିଲା ଚିଟଫଣ୍ଡ ସଂସ୍ଥାର ପୁରୁଣା ଫାଇଲ୍

**ଭୁବନେଶ୍ୱର,୮।୩:ନ୍ୟୁଜ୍‌ବ୍ୟୁରୋ**

ଚିଟଫଣ୍ଡ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଜାରି ରଖିଛି। ଇଡି ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ଉରେ ବହୁ ସମ୍ପତ୍ତି ଠାବ ହୋଇଛି। ଏହି ଯାଞ୍ଚ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ୨୩ ଲକ୍ଷ ନଗଦ ଟଙ୍କା, ୩୫ ଲକ୍ଷ ଟଙ୍କାର ଅଡି କ୍ୟୁ୩ କାର୍, ୨୪.୧୫ ଲକ୍ଷ ଟଙ୍କାର ଅଳଙ୍କାର, ବହୁ କାଗଜପତ୍ର, ଡିଜିଟାଲ୍ ଡିଭାଇସ୍ ଜବତ ହୋଇଥିବା ଶୁକ୍ରବାର ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଅଡି କାର୍‌ଟି ବ୍ରହ୍ମପୁରର ଜଣେ ଠିକାଦାରଙ୍କ ବୋଲି ସୂଚନା ମିଳିଛି। ଆଉ ଜଣେ ଠିକାଦାରଙ୍କ ନିକଟରୁ ପ୍ରାୟ ୧୫ ଲକ୍ଷ ଟଙ୍କା ସମେତ ସୁନା ଅଳଙ୍କାର ମଧ ଜବତ ହୋଇଛି। ଚିଟଫଣ୍ଡ୍ ଲିଙ୍କ୍‌ରେ ଭୁବନେଶ୍ୱରରେ ଜଣେ ବିଲ୍ଡରଙ୍କ ଘର ସମେତ ପ୍ରାୟ ୪ ସ୍ଥାନ ଏବଂ ଗଞ୍ଜାମ ଜିଲାର ବ୍ରହ୍ମପୁର, ଛତ୍ରପୁର ଆଦିରେ ଅଭିଯୁକ୍ତମାନଙ୍କ ଘରେ ଏକକାଳୀନ ଚଢ଼ଉ ହୋଇଥିଲା। ସୂଚନାଯୋଗ୍ୟ, ୨୦୦୯ରେ ଅର୍ଥତତ୍ତ୍ୱ କମ୍ପାନୀ ଓଡ଼ିଶାର ବିଭିନ୍ନ ଜିଲାରେ ଶାଖା ଖୋଲି ବହୁ ଲୋଭନୀୟ ସ୍କିମ୍ ଜରିଆରେ ଲୋକଙ୍କଠାରୁ ପ୍ରାୟ ୫ଶହ କୋଟି ଟଙ୍କା ଠକେଇ କରିଥିଲା। ଏନେଇ ୨୦୧୩ରେ ପ୍ରଥମେ ଭୁବନେଶ୍ୱର ଖାରବେଳନଗର ଥାନାରେ ମାମଲା ହେବା ସହ ପୋଲିସ କମ୍ପାନୀ ମୁଖ୍ୟ ପ୍ରଦୀପଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଘଟଣାର ତଦନ୍ତ ଭାର ୨୦୧୪ରେ ସିବିଆଇକୁ ଦେଇଥିଲେ। ସିବିଆଇ ଏହି ଘଟଣାରେ ତଦନ୍ତ କରି ପ୍ରଦୀପଙ୍କ ଲିଙ୍କ୍‌ରେ ଥିବା ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା।